# ସଂକ୍ଷିପ୍ତ ବିବରଣୀ

ୱାଲ୍ଡ ବ୍ୟାଙ୍କ ଆସିଷ୍ଟେଡ଼ ଇଣ୍ଟିଗ୍ରେଟେଡ଼ କୋଷ୍ଟାଲ ଜୋନ୍ ମ୍ୟାନେଜ୍‌ମେଣ୍ଟ ପ୍ରୋଜେକ୍ଟ
ଏନଭର୍‌ମେଣ୍ଟାଲ ଆଣ୍ଡ୍ ସୋସିଆଲ ଆସେସ୍‌ମେଣ୍ଟ

ସମିଟେଡ୍ ଟୁ
ମିନିଷ୍ଟ୍ରୀ ଅଫ୍ ଏନଭର୍‌ମେଣ୍ଟ ଆଣ୍ଡ୍ ଫରେଷ୍ଟ
ଗର୍ଭରମେଣ୍ଟ ଅଫ୍ ଇଣ୍ଡିଆ

ବାଇ

ସେଣ୍ଟର ଫର ଏନଭର୍‌ମେଣ୍ଟ ଆଣ୍ଡ୍ ଡେଭଲପ୍‌ମେଣ୍ଟ
ଥିରୁଭନନ୍ଥପୁରମ୍

ନଭେମ୍ବର ୨୦୦୯
(ଓଡ଼ିଶା)

ସମରି ରିପୋଟ

## ୱାର୍ଲ୍ଡ ବ୍ୟାଙ୍କ ଆସିଷ୍ଟେଡ଼ ଇଣ୍ଟିଗ୍ରେଟେଡ଼ କୋଷ୍ଟାଲ ଜୋନ୍ ମ୍ୟାନେଜ୍‌ମେଣ୍ଟ ପ୍ରୋଜେକ୍ଟ ଏନଭର୍‌ମେଣ୍ଟାଲ ଆଣ୍ଡ୍ ସୋସିଆଲ ଆସେସ୍‌ମେଣ୍ଟ

### ୧. କାର୍ଯ୍ୟକାରିକା ନିର୍ଯ୍ୟାସ

### ୧.୧. ମୁଖବନ୍ଧ :

୧. ଭାରତବର୍ଷର ରହିଛି ପ୍ରାୟ ୭,୫୦୦ କି.ମି. ବ୍ୟାପ୍ତ ସାମୁଦ୍ରିକ ତଟଭୂମି ଯାହା ମଧ୍ୟରୁ ପ୍ରାୟ ୫,୪୦୦ କି.ମି. ବେଳାଭୂମି ଭାରତୀୟ ଉପଦ୍ୱିପ ଅଞ୍ଚଳକୁ(Penisular India) ଘେରି ରହିଛି ଏବଂ ଅବଶିଷ୍ଟ ଆବରିତ କରିଛି ଆଣ୍ଡାମାନ୍, ନିକୋବର ଓ ଲାକ୍ଷାଦ୍ୱୀପ । ସମଗ୍ର ବିଶ୍ୱରେ ଥିବା ବେଳାଭୂମିର ଏହା ୦.୨୫ ଶତାଂଶରୁ କମ୍ ହୋଇଥିବା ବେଳେ ଭାରତରେ ଏହି ଉପକୂଳରେ ଅବସ୍ଥାନ କରନ୍ତି ବିଶ୍ୱ ଜନସଂଖ୍ୟାର ହାରାହାରି ୧୧% ବା ୬ କୋଟି ୩୦ ଲକ୍ଷ (୬୩ ନିୟୁତ) ମଣିଷ । ଭାରତର ଉପକୂଳ ଜିଲ୍ଲାମାନଙ୍କରେ (ସମୁଦାୟ ୫୯୩ ଜିଲ୍ଲା ମଧ୍ୟରୁ ୭୩ ଜିଲ୍ଲା) ବସବାସ କରନ୍ତି, ଦେଶର ଜନସଂଖ୍ୟାର ୧୭% ଭାଗ ଏବଂ ପ୍ରାୟ ୨୫କୋଟି (୨୫୦ ନିୟୁତ) ପାଖାପାଖି ମଣିଷ ସମୁଦ୍ର ଉପକୂଳରେ ୫୦ କି.ମି. ସୀମା ମଧ୍ୟରେ ଅବସ୍ଥାନ କରନ୍ତି । ଭାରତର ଏହି ଉପକୂଳରେ ରହିଛି ୭୭ଟି ସହର, ଯାହା ମଧ୍ୟରେ ମୁମ୍ବେଇ, କୋଲକତା, ଚେନ୍ନାଇ, କୋଚି ଓ ବିଶାଖାପାଟଣା ଭଳି ଅତ୍ୟନ୍ତ ଜନାକୀର୍ଣ୍ଣ ଓ ବୃହତ୍ତମ ନଗର ଅବସ୍ଥିତ ।

୨. ଭାରତର ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଉପକୂଳ ଓ ସାମୁଦ୍ରିକ ସମ୍ପଦର ଚିରସ୍ଥାୟୀ ଓ ବିବେକୀ ପରିଚାଳନା ଏକାନ୍ତ ଆବଶ୍ୟକ । ଭାରତର ଉପକୂଳ ଇଲାକା ବିବିଧ ପ୍ରକାର ଜୁଆରିଆ ଜଙ୍ଗଲ, ପ୍ରବାଳ ପ୍ରାଚୀର, ସାମୁଦ୍ରିକ ଘାସ, ଲୁଣାକିଆରୀ, ବାଲୁକାବନ୍ତ, ବୃହତ ନଦୀ ମୁହାଣ ଓ ଉପହ୍ରଦ ଏବଂ ଅତୁଳନୀୟ ଅନନ୍ୟ ସାମୁଦ୍ରିକ ତଥା ସ୍ଥଳଭାଗୀୟ ବନ୍ୟଜନ୍ତୁରେ ଭରପୂର ଓ ଧନାଢ଼୍ୟ । ସମୁଦ୍ର ତଟବର୍ତ୍ତୀ ଓ ସଂଲଗ୍ନ ଅଭ୍ୟନ୍ତର ଇଲାକାର ବ୍ୟାପକ ଭୂ-ଭାଗ ମଧ୍ୟରେ ରହିଛି ୬,୭୪୦ ବର୍ଗ କି.ମି. ଲୁଣା ଜଙ୍ଗଲ ଯାହା ମଧ୍ୟରେ ଅନ୍ତର୍ଗତ ସୁନ୍ଦରବନ ଓ ଭିତର କନିକା ଭଳି ବିଶ୍ୱର ସର୍ବବୃହତ ହେନ୍ତାଳ ବନ । ଏହି ସମ୍ପଦ ମଧ୍ୟରେ ସବୁଠାରୁ ମୂଲ୍ୟବାନ ପ୍ରବାଳ, ମତ୍ସ୍ୟ, ସାମୁଦ୍ରିକ ସ୍ତନ୍ୟପାୟୀ, ଶରୀସୃପ ଓ କଇଁଛ, ବିସ୍ତୀର୍ଣ୍ଣ ସାମୁଦ୍ରିକ ତୃଣଭୂମି ଏବଂ ବିବିଧ ପ୍ରକାର ସାମୁଦ୍ରିକ ଗୁଳ୍ମ ଅନ୍ତର୍ଭୁକ୍ତ । ଭାରତର ଜୀବାଶ୍ମ ତୈଳ ଓ ଗ୍ୟାସ୍ ଗଚ୍ଛିତଘରର ସର୍ବାଧିକ ଭାଗ ଏହି ଉପକୂଳ ଓ ଅଗଭୀର ତଟଭୂମି ଇଲାକା ଧାରଣ କରିଛି । ସମୁଦ୍ର ତଟଭୂମିର ୩୫ ଶତାଂଶ ଅଞ୍ଚଳରେ ପରିପୂର୍ଣ୍ଣ ହୋଇ ରହିଛି

ଗୁରୁତ୍ୱପୂର୍ଣ୍ଣ ଲଘୁ ଖଣିଜ ଓ ସାମୁଦ୍ରିକ ବାୟୁ, ଜୁଆର, ତରଙ୍ଗ, ସ୍ରୋତଶକ୍ତି ଏବଂ ଭାରି ଧାତୁର ଭଣ୍ଡାର । ଭବିଷ୍ୟତର ଶକ୍ତି ଉତ୍ସ ଭାବେ ସାମୁଦ୍ରିକ ତାପଜ ଶକ୍ତିର ଉପଯୋଗ ଭଳି ଏହାର ରହିଛି ପର୍ଯ୍ୟାପ୍ତ ଉତ୍ସ ଓ ଭବିଷ୍ୟତ । ପର୍ଯ୍ୟଟନ, ସାଂସ୍କୃତିକ ଓ ପତ୍ନତାତ୍ତ୍ୱିକ ବିଶେଷତ୍ୱ ଥିବା ରାଷ୍ଟ୍ରୀୟ ଓ ଆର୍ନ୍ତରାଷ୍ଟ୍ରୀୟ ସ୍ତରର କେତେକ ଗୁରୁତ୍ୱପୂର୍ଣ୍ଣ ସ୍ଥଳୀ ଏହି ଉପକୂଳ ଇଲାକାମାନଙ୍କରେ ଅବସ୍ଥିତ । ଭାରତର ୧୯୭ଟି ବୃହତ ଓ କ୍ଷୁଦ୍ର ବନ୍ଦର, ୩୦୮ ବୃହତ ଶିଳ୍ପ ଉଦ୍ୟୋଗ, ୭୭ଟି ତଟବର୍ତ୍ତୀ ନଗର ଓ ସହର ନିଃସନ୍ଦେହରେ ବହନ କରିଥାନ୍ତି, ଦେଶର ଅର୍ଥନୈତିକ ଭିତ୍ତିଭୂମି ଏକ ଗୁରୁତ୍ୱପୂର୍ଣ୍ଣ ଯାହା ମଧ୍ୟରେ ରହିଛି ନୌବାଣିଜ୍ୟ ସୁବିଧା, ଜୀବାଶ୍ମ ତୈଳ ଭିତ୍ତିକ ଶିଳ୍ପୋଦ୍ୟୋଗ ଏବଂ ଆମଦାନୀ ଭିତ୍ତିକ ପ୍ରକଳ୍ପ । ସାମୁଦ୍ରିକ ମାଛଧରା ପ୍ରାୟ ୧୦ଲକ୍ଷ ଲୋକଙ୍କୁ ପ୍ରତ୍ୟକ୍ଷ ଭାବେ ଏବଂ ମାଛଧରା ପରବର୍ତ୍ତୀ କାରବାର ଆଉ ଅଧିକ ୧୨ଲକ୍ଷ ଲୋକଙ୍କୁ ଜୀବିକାର୍ଜନରେ ନିୟୋଜିତ କରିଥାଏ । ଦେଶର ସମୁଦ୍ର ଉପକୂଳରେ ରହିଛି ୩,୬୩୮ଟି ମତ୍ସ୍ୟଜୀବି ଗ୍ରାମ ଏବଂ ୨.୨୫୧ଟି ମତ୍ସ୍ୟ ସଂଗ୍ରହ ଓ ବିକ୍ରୟ ସ୍ଥଳୀ ।

୩. ଦେଶର ଅର୍ଥନୀତି ପ୍ରତି ଅତୁଳନୀୟ ଅବଦାନ ରଖିଥିବା ଏବଂ ପ୍ରାକୃତିକ ପରିବେଶିକ ଅମୂଲ୍ୟ ଗନ୍ତାଘର ହୋଇଥିବା ସତ୍ତ୍ୱେ ଉପକୂଳ ଓ ସାମୁଦ୍ରିକ ଅଞ୍ଚଳଗୁଡ଼ିକ ବହୁବିଧ ସଙ୍କଟର ଦ୍ୱାର ଦେଶରେ ମୁହ୍ୟମାନ ଅବସ୍ଥାରେ ସଂପ୍ରତି ଅଛନ୍ତି । ଦ୍ରୁତ ସହରୀ - ଶିଳ୍ପକରଣ, ସାମୁଦ୍ରିକ ପରିବହନ, ସମୁଦ୍ରରୁ ମାଛଧରା, ପର୍ଯ୍ୟଟନ, ଉପକୂଳ ଓ ସମୁଦ୍ର ଅଭ୍ୟନ୍ତରରୁ ଖଣିଜ ଉତ୍ତୋଳନ, ସାଗର ଗର୍ଭରେ ପ୍ରାକୃତିକ ଗ୍ୟାସ୍ ଓ ଜୀବାଶ୍ମ ତୈଳର ଉତ୍ପାଦନ, ଉପକୂଳରେ କୃତ୍ରିମ ଚିଙ୍ଗୁଡ଼ି ଚାଷ ଏବଂ ନିକଟରେ ପ୍ରତିଷ୍ଠା ହୋଇଥିବା ସ୍ୱତନ୍ତ୍ର ଅର୍ଥନୈତିକ ଜୋନ୍ ପ୍ରଭୃତି ଦ୍ୱାରା ଭିତ୍ତିଭୂମିର ଚାହିଦାରେ ଉଲ୍ଲେଖଯୋଗ୍ୟ ଅଭିବୃଦ୍ଧି ହିଁ ଅବଶେଷରେ ପ୍ରାକୃତିକ ସମ୍ପଦର ଲୁଣ୍ଠନକୁ ଆମନ୍ତ୍ରଣ କରୁଛି । ଭାରତର ୩୪ ଶତାଂଶ ଲୁଣା ଜଙ୍ଗଲ ଗତ ୪୦ବର୍ଷ ମଧ୍ୟରେ ଧ୍ୱଂସ ପାଇସାରିଛି , ୬୬ ଶତାଂଶ ପ୍ରବାଳ ଗିରିଅଞ୍ଚଳ ସଂପ୍ରତି ସଂକଟାପନ୍ନ ; ସାମୁହିକ ମତ୍ସ୍ୟ ସମ୍ପଦର ଆତଙ୍କଜନକ ହ୍ରାସ ଏବଂ ଏହା ସହିତ ମୂଲ୍ୟବାନ ରଙ୍ଗିନ ମାଛ ଏବଂ ସମୁଦ୍ର କାକୁଡ଼ି ଭଳି ଜଳଜ ଉଦ୍ଭିଦ ଓ ଶୈବାଳ ଦ୍ରୁତ ଗତିରେ ଉଭେଇ ଯାଉଛି । ଏପରି ଅବକ୍ଷୟ ଓ ଧ୍ୱଂସକୁ ଯଦି ତୁରନ୍ତ ରୋକା ନଯାଏ, ତେବେ ଅବଲୀଳା କ୍ରମେ ଏହାର ବିଧ୍ୱଂସୀ ପ୍ରଭାବ ସମୁଦ୍ର ଉପକୂଳସ୍ଥ ଜନ ସମୂହଙ୍କ ଜୀବିକା, ସ୍ୱାସ୍ଥ୍ୟ ତଥା ସର୍ବାଙ୍ଗୀନ ବିକାଶଧାରା ଉପରେ ପଡ଼ିବ ଯାହା ସୁସ୍ଥ, ସୁସଂହତ ଓ ସ୍ଥାୟୀ ଅର୍ଥନୈତିକ ଅଭିବୃଦ୍ଧିକୁ ପରାହତ କରିବ ଏବଂ ସାମଗ୍ରିକ ବିକାଶର ପରିପନ୍ଥୀ ହେବ ।

୪. ଅର୍ଥନୀତି ଓ ଜୀବିକାର ସୁରକ୍ଷା ଉପରେ ସମୁଦ୍ର ଉପକୂଳୀୟ ସଂକଟର ପ୍ରଭାବ ବୃଦ୍ଧି ପାଇଁ ଚାଲିଛି । ଭାରତୀୟ ଉପକୂଳ ସଂପ୍ରତି ଗୁରୁତର ପ୍ରାକୃତିକ ବିପର୍ଯ୍ୟୟ ଓ ପାଣିପାଗର

ବ୍ୟତିକ୍ରମର ପ୍ରସଙ୍ଗ ହୋଇଉଠିଛି, ଯାହା ଭିତରେ ରହିଛି ୨୦୦୪ ମସିହାରେ ସୁନାମି, ବିଭିନ୍ନ ମହାବାତ୍ୟା, ଘନ ଘନ ଲଘୁଚାପ ଏବଂ ବର୍ଷକୁ ହାରାହାରି ୯ଟି ଘୂର୍ଣ୍ଣିଝଡ଼ ସଂଘଟିତ ହେଉଥିବାର ବିମର୍ଷକର ଦୃଷ୍ଟାନ୍ତ ଯାହା ମଣିଷର ଧନ, ଜୀବନ ଉପରେ କ୍ଷତି ପହଞ୍ଚାଇଛି, ନିରାପତ୍ତା ଉପରେ ସୃଷ୍ଟି କରିଛି ପ୍ରଶ୍ନବାଚୀ ଏବଂ ଘଟାଇ ସାରିଛି ଅପୂରଣୀୟ କ୍ଷୟକ୍ଷତି । ଉପକୂଳବର୍ତ୍ତୀ ଅଞ୍ଚଳରେ ବସବାସ କରୁଥିବା ଗ୍ରାମୀଣ ଜନଗୋଷ୍ଠୀ ଓ ସଂପ୍ରଦାୟମାନଙ୍କ ଦାରିଦ୍ର୍ୟ ଓ ବିପର୍ଯ୍ୟୟରେ ସାମର୍ଥ୍ୟ ହାନି ଯୋଗୁଁ ପାଣିପାଗର ଗୁରୁତର ବ୍ୟତିକ୍ରମ ସଂଘଟିତ ହେଉଥିବା କାଳରେ ବା ପ୍ରାକୃତିକ ବିପର୍ଯ୍ୟୟ ହେବା ସମୟରେ ସେମାନଙ୍କ ପ୍ରତିରୋଧ ଶକ୍ତି ପୂର୍ବାପେକ୍ଷା ବେଶ୍ ସଂକୁଚିତ ହୋଇପଡ଼ିଛି । ବିଗତ କିଛି ବର୍ଷ ମଧ୍ୟରେ ସମୁଦ୍ର ତଟବର୍ତ୍ତୀ ସ୍ଥଳ ଭାଗରେ ମୃତ୍ତିକା କ୍ଷୟର କ୍ରମାଗତ ଓ ତ୍ୱରିତ ବୃଦ୍ଧି ଘଟିବାରୁ ଏହା ଆଣିଛି ଉପକୂଳର କୃଷି ଓ ଜନବସିତରେ ଆଖି ଦୃଶିଆ ହ୍ରାସ ଏବଂ କାଳକ୍ରମେ ପରିବେଶଗତ ଅବକ୍ଷୟ ତଥା ମତ୍ସ୍ୟ ସମ୍ପଦର ଅତ୍ୟଧିକ ଉପଯୋଗ ଯୋଗୁଁ ପାରମ୍ପରିକ ମାଛଧରାରୁ ଉପଲବ୍ଧ ଉପାର୍ଜନ ମଧ୍ୟ କମି କମି ଚାଲିଛି । ସମୁଦ୍ର ତଟବର୍ତ୍ତୀ ଜନଗୋଷ୍ଠୀ ଓ ଭିତ୍ତିଭୂମି ଉପରେ ଅଧିକ ଆତଙ୍କ ଆଣିଛି ଜଳବାୟୁ ପରିବର୍ତ୍ତନର ସଂକଟ । ବୈଜ୍ଞାନିକ ଅଧ୍ୟୟନ ଓ ଅନୁଶୀଳନମାନ ସୂଚାଉଛି ଯେ ସମୁଦ୍ରର ଜଳ ପତ୍ତନରେ ଆତଙ୍କ ଜନକ ବୃଦ୍ଧି, ଜଳବାୟୁରେ ଗୁରୁତର ପ୍ରତିକୂଳ ପରିବର୍ତ୍ତନର ଲଗାତର ଓ ତ୍ୱରିତ ଅଭିବୃଦ୍ଧି, ପାଣିପାଗରେ ଘନ ଘନ ବିଷମତା ଏବଂ ସର୍ବୋପରି ଜୈବମଣ୍ଡଳ ଓ ମାନବୀୟ ପଦ୍ଧତିରେ ନକରାତ୍ମକ ପରିବର୍ତ୍ତନମାନ ଏହା ଫଳରେ ଘଟିଚାଲିଛି । ସମୁଦ୍ର ଜଳ ପତ୍ତନରେ ୧ ମିଟର ବୃଦ୍ଧି ଘଟିଲେ ଏହା ଭାରତର ୬ ହଜାର ବର୍ଗ କିଲୋମିଟର ଅଞ୍ଚଳକୁ ବନ୍ୟା ପ୍ଳାବିତ କରିବ, ଫଳରେ ସମୁଦ୍ର ଉପକୂଳରେ ନିମ୍ନାଞ୍ଚଳଳ ବା ତଳିଆ ଅଞ୍ଚଳରେ ଥିବା ୬କୋଟି ୩୦ଲକ୍ଷ ମଣିଷକୁ ଅନ୍ୟତ୍ର ଚାଲିଯିବାକୁ ବାଧ୍ୟ କରିବ ଏବଂ ସେମାନଙ୍କ ମଧ୍ୟରେ ଥିବା ଦୁସ୍ଥ ଦରିଦ୍ର ମଣିଷମାନଙ୍କ ସହନଶୀଳତାର ସୀମା ଓ ପ୍ରକୃତିର ଲଢ଼ିବାର କ୍ଷମତା କ୍ରମାଗତ ଅବନତି ଘଟି ଚାଲିଥିବାରୁ ଏଭଳି ବିପର୍ଯ୍ୟୟ କାଳରେ ସେମାନେ ହେବେ ଅଧିକ ବିପନ୍ନ ଓ ବେସାହାରା । ଜଳବାୟୁ ପରିବର୍ତ୍ତନର ବିଷମ ଓ ବିଷମୟ ପ୍ରଭାବ ବନ୍ଦରମାନଙ୍କର ତଥା ଶିଳ୍ପୋଦ୍ୟୋଗ ଓ ଅନ୍ୟାନ୍ୟ ସୁଯୋଗ ସୃଷ୍ଟିର ବ୍ୟାପ୍ତ ଭିତ୍ତିଭୂମିର ବିନିଯୋଗ ଉପରେ ପଡ଼ିବ ।

୫. ଆମ ସମାଜର ବିବିଧ ବର୍ଗ ଓ ପରିସର ମଧ୍ୟରେ ଉପକୂଳ ଭୂମି ଓ ସାମୁଦ୍ରିକ ସମ୍ପଦକୁ କରାୟତ୍ତ କରିବା ପାଇଁ ପ୍ରତିଯୋଗିତା କ୍ରମାଗତ ଭାବେ ବୃଦ୍ଧି ପାଇ ଚାଲିଛି । ସାଂପ୍ରତିକ ସମୟରେ ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧି ଉପକୂଳ ଅଞ୍ଚଳରେ ନୂତନ ଓ ସଂପ୍ରସାରିତ ପୁଞ୍ଜିବିନିଯୋଗକୁ ତ୍ୱରାନ୍ୱିତ କରିଚାଲିଛି, ଯାହା ମଧ୍ୟରେ ରହିଛି ଅବବାହିକା ଅଞ୍ଚଳର ଅର୍ଥନୈତିକ ଅଭିବୃଦ୍ଧିର ଦ୍ୱାର ହିସାବରେ ପରିଗଣିତ ଅଧିକ ବନ୍ଦର ପ୍ରତିଷ୍ଠା । ସ୍ଥଳଭାଗର ଅଭ୍ୟନ୍ତରରେ ଥିବା କଞ୍ଚାମାଲ, ମୁଖ୍ୟତଃ ଖଣିଜ ଦ୍ରବ୍ୟର କାରବାର ପରିପ୍ରେକ୍ଷୀରେ

ବନ୍ଦରଗୁଡ଼ିକ ପାଲଟିଛନ୍ତି ସ୍ୱାଗତତୋରଣ । ବୃହଦାକାର ନଗରାଞ୍ଚଳରେ କୋଠାବାଡ଼ି ନିର୍ମାଣ ଏବଂ ବିଶୃଙ୍ଖଳିତ ପର୍ଯ୍ୟଟନ କାର୍ଯ୍ୟାଧାରାରେ ବୃଦ୍ଧି ଯୋଗୁଁ ଏସବୁ ପାଇଁ ଉପକୂଳ ଇଲାକାର ଦ୍ରୁତ ବର୍ଦ୍ଧନଶୀଳ ଗ୍ରାମାଞ୍ଚଳ, ସହରତଳି ଅଞ୍ଚଳ ଓ ନଗରାଞ୍ଚଳ ଜନବସତିକୁ ଏହି ଭିତ୍ତିଭୂମି ପରିବର୍ଦ୍ଧନ କାମରେ ନିୟୋଜିତ କରିବାର ଆବଶ୍ୟକତା ତୀବ୍ର ଭାବେ ବଢ଼ିଯାଇଛି । ପୁନଶ୍ଚ, ଅନେକଗୁଡ଼ିଏ ପରିକଳ୍ପନା ହୀନ ମାତ୍ର ପ୍ରତିଯୋଗୀ ସମ୍ପନ୍ନ ଅର୍ଥନୈତିକ କାର୍ଯ୍ୟକ୍ରମ ଅବଲୀଳା କ୍ରମେ ଆଣିଛି ଏସବୁ ଅଂଶୀଦାରମାନଙ୍କ ମଧ୍ୟରେ ଦ୍ୱନ୍ଦ, ସଂଘର୍ଷ ଏବଂ ପ୍ରାକୃତିକ ସମ୍ବଳର ତ୍ରୁଟିପୂର୍ଣ୍ଣ ଉପଯୋଗ, ଲୁଣ୍ଠନ ଓ ଉତ୍ପାଟନ ବୃଦ୍ଧି ପାଇଛି ଏବଂ ସାଗରବେଳା ପରିବେଶ ସମ୍ପର୍କିତ ପଦ୍ଧତିର ଦାରୁଣ ଅବକ୍ଷୟ ତୀବ୍ର ହୋଇଚାଲିଛି । କ୍ଷାରଜଳ ବ୍ୟବସାୟିକ ଚିଙ୍ଗୁଡ଼ି ଚାଷ ଓ ଘେରି ପ୍ରତିଷ୍ଠା ଦ୍ୱାରା ଉପକୂଳରେ କେତେକ ଇଲାକା ସମ୍ପୂର୍ଣ୍ଣ ରୂପେ ବିଧ୍ୱସ୍ତ ହୋଇଯାଇଛି । ସାମୁଦ୍ରିକ ଝଡ଼ ବା ବାତ୍ୟା, ପ୍ରଳୟ ଘୂର୍ଣ୍ଣିରେ ଲଗାତର ସମୟାନୁବର୍ତ୍ତୀତା ଅଭିବୃଦ୍ଧି ହେତୁ ଉପକୂଳ ଇଲାକା ଓ ସାମୁଦ୍ରିକ ପରିଚାଳନାର ମୁଖ୍ୟ ପ୍ରସଙ୍ଗ ହୋଇପଡ଼ିଛି କିପରି ଏସବୁ ଚାହିଦା ଓ ଚାପକୁ ସୁସ୍ଥ ସଂହତ ଚିରସ୍ଥାୟୀ ପଦ୍ଧତିରେ ପରିଚାଳନା କରିହେବ ।

୬. ସଂଗତିହୀନ ନୀତି ନିର୍ଦ୍ଧାରଣ ଓ ଅସଂପୂର୍ଣ୍ଣ ଆନୁଷ୍ଠାନିକ ବ୍ୟବସ୍ଥା ମଧ୍ୟରେ ସମତୁଲ୍ୟ ସମୃଦ୍ଧି ସଂରଚନା ନିଶ୍ଚିତ ହୋଇପାରୁନାହିଁ । ଏକ ସମନ୍ୱିତ ଓ ଶୃଙ୍ଖଳିତ ନିଷ୍ପତ୍ତି - ଗ୍ରହଣ ପଦ୍ଧତିର ଅଭାବରୁ ରାଷ୍ଟ୍ରର ଉପକୂଳ ଓ ସାମୁଦ୍ରିକ ପରିସରର ପରିଚାଳନା ବିଡ଼ମ୍ବିତ ହୋଇପଡ଼ିଛି । ଏହା ପ୍ରତିଫଳିତ ହେଉଛି ଆନୁଷ୍ଠାନିକ, ଆଇନଗତ ଓ ଅର୍ଥନୈତିକ ଯୋଜନାମାନଙ୍କ ଭଳି ବିବିଧତାର କାର୍ଯ୍ୟ ସାରଣିରୁ - ସବୁଗୁଡ଼ିକ ହୋଇପଡ଼ିଛନ୍ତି ସଂକୀର୍ଣ୍ଣ ଓ ପରିସର - ସୀମିତ । ପରିମାଣ ସ୍ୱରୂପ, ଶ୍ରେଣୀ କୈନ୍ଦ୍ରିକ କାର୍ଯ୍ୟାବଳୀ ଓ ଅବିହିତ ପଦକ୍ଷେପ ଗ୍ରହଣ ଦ୍ୱାରା ଉପକୂଳ ଓ ସାମୁଦ୍ରିକ ଇଲାକା କାର୍ଯ୍ୟକୁ ଏକକ ଦୃଷ୍ଟିରେ ନଦେଖି ପରସ୍ପର ଠାରୁ ବିଭକ୍ତ ଓ ବିଚ୍ଛୁରିତ କରିଦେଇଛି । ସମୟ ସମୟେ ଏହି ଧାରାରେ ସର୍ବୋତ୍ତମ ଉଦ୍ଦେଶ୍ୟ ଓ ଫଳାଫଳ ହୋଇଉଠିଛି ଦ୍ୱନ୍ଦାତ୍ମକ । ସେହି ଏକ ସମୟରେ ଅଂଶୀଦାରମାନଙ୍କ ସ୍ୱାର୍ଥ ଏକମୁଖୀ ନହୋଇ ବିବିଧ, ବିଚ୍ଛୁରିତ ଓ ପ୍ରତିଯୋଗୀମୂଳକ ହୋଇଉଠିଛି । ଏହା ସ୍ପଷ୍ଟ ସୂଚାଉଛି ଯେ, ରାଷ୍ଟ୍ରର ସମୃଦ୍ଧି ପାଇଁ ଏକମୁଖୀ ହୋଇ ଭାଗୀଦାରିତା ସହ ଯୋଜନା ପ୍ରଣୟନ ଓ ପରିଚାଳନା ପ୍ରସ୍ତୁତି ଧାରାରେ ରହିଛି ଘୋର ଅଭାବ । ସମୃଦ୍ଧି ଓ ଦାରିଦ୍ର୍ୟ ଦୂରୀକରଣ ଭଳି ରାଷ୍ଟ୍ରୀୟ ଲକ୍ଷ୍ୟର ଗୁରୁତ୍ୱପୂର୍ଣ୍ଣ ଉପାଦାନ ରୂପେ ସ୍ୱୀକୃତ ବୃହତ ଓ କ୍ଷୁଦ୍ର ଅର୍ଥନୈତିକ ଭିତ୍ତିଭୂମିରେ ବିନିଯୋଗ ଧାରା ଦୀର୍ଘକାଳୀନ ଫଳାପଲକୁ ଯଥାଯଥ ଅନୁଶୀଳନ ନକରି ଅନ୍ଧାଧୁନିଆ ଗ୍ରହଣ କରାଯାଉଛି । ପୁନଶ୍ଚ, ଉପୂକଳ ସମ୍ବଳ, ପଦ୍ଧତି ଓ ଧାରା, ଏହାର ପ୍ରଭାବର ଅନୁଶୀଳନ ତଥା ପରିଚାଳନା ସମ୍ପର୍କିତ ଆଗ୍ରହ ଉପରେ ଆବଶ୍ୟକ ଜ୍ଞାନ କୌଶଳର ଅଭାବ ଯୋଗୁଁ ସାମଗ୍ରିକ ନୀତି ନିର୍ଦ୍ଧାରଣ ଓ ଯୋଜନା ପ୍ରଣୟନ ଧାରା ଅଥର୍ବ ଅଚଳ ହୋଇପଡୁଛି ।

୭. ଆଜି ପର୍ଯ୍ୟନ୍ତ, ଭାରତର ଉପକୂଳ ଇଲାକାର ପରିଚାଳନା ଆଭିମୁଖ୍ୟ ଏକାନ୍ତ ଭାବେ ବିଧି ପାଳନରେ ପର୍ଯ୍ୟବେସିତ ଥିଲା । ଏହାଥିଲା ୧୯୮୬ର ପରିବେଶ (ସୁରକ୍ଷା) ଚିଠା ଅଧୀନରେ ପ୍ରଣିତ ୧୯୯୧ରେ ବିଜ୍ଞାପିତ ଉପକୂଳ ନିୟନ୍ତ୍ରଣ ଜୋନ୍ ଯେଉଁଥିରେ ତଟବର୍ତ୍ତୀ ଇଲାକାର ସଂରକ୍ଷଣ ସହିତ ଭାରସ୍ୟାମ ରକ୍ଷା କରି ପ୍ରୟୋଜନୀୟ ଅର୍ଥନୈତିକ ବିକାଶ କିପର ତ୍ୱରାନ୍ୱିତ ହେବ, ସେଥିପାଇଁ କିଛି ବ୍ୟବସ୍ଥା ନଥିଲା କିମ୍ୱା ଅନ୍ୟାନ୍ୟ ବିକାଶମୂଳକ କାର୍ଯ୍ୟକ୍ରମ ସହିତ ସାମ୍ୟ ରକ୍ଷାର ପରିକଳ୍ପନା ନଥିଲା । ୧୯୯୧ ବିଜ୍ଞପ୍ତିରେ କେବଳ ସମୁଦ୍ର ତଟବର୍ତ୍ତୀ ଜୁଆର ପ୍ଲାବିତ ସ୍ଥାନଠାରୁ ୫୦୦ମିଟର ଦୂରତା ମଧ୍ୟସ୍ଥ ସ୍ଥଳଭାଗରେ ଯେକୌଣସି ପ୍ରକାର ଉନ୍ନୟନ ଓ ନିର୍ମାଣ କାର୍ଯ୍ୟକ୍ରମକୁ ଏହା ନିଷିଦ୍ଧ, ନିୟନ୍ତ୍ରିତ ଓ ଅବରୁଦ୍ଧ କରୁଥିଲା । ବିଗତ ଦଶନ୍ଧି ମଧ୍ୟରେ ଉନ୍ନୟନ ପ୍ରକ୍ରିୟାର ଚାପ ଯେପରି ବୃଦ୍ଧି ପାଇ ଚାଲିଛି, ତାହା ଫଳରେ ଗୋଟିଏ ପଟେ ବିଜ୍ଞପ୍ତିରେ ସୂଚିତ ବ୍ୟବସ୍ଥାକୁ ବ୍ୟାପକ ଭାବେ ଅବମାନନା କରାଯିବାର ବହୁ ଦୃଷ୍ଟାନ୍ତ ରହିଛି ଏବଂ ଅନ୍ୟ ପଟେ ଏହି ନିଷେଧାଦେଶକୁ କୋହଳ କରିବାକୁ ବିଭିନ୍ନ ପ୍ରକାର ଅର୍ଥନୈତିକ ପରିସରରୁ ଦାବି ହୋଇ ଆସୁଛି ।

୮. ଉପରୋକ୍ତ ପ୍ରସଙ୍ଗରେ ରାଷ୍ଟ୍ର ଓ ସାମୁଦ୍ରିକ ପରିସରର ଅଭିବୃଦ୍ଧିକୁ ହିସାବକୁ ନେଇ ଭାରତ ସରକାରଙ୍କ ପକ୍ଷରୁ ଉପକୂଳ ଓ ସାମୁଦ୍ରିକ ଅଞ୍ଚଳର ଦୀର୍ଘ ସୂତ୍ରୀ ସୁସଂହତ ପରିଚାଳନା ପାଇଁ ଏକ ଦୃଷ୍ଟିଭଙ୍ଗୀର ବିକାଶ କରାଯାଇଛି ଯାହା ରାଷ୍ଟ୍ରୀୟ ପରିବେଶ ନୀତି - ୨୦୦୫ରେ ରୂପରେଖ ନେଇଛି । ସମୁଦ୍ର ଉପକୂଳ ଅଞ୍ଚଳର ସମନ୍ୱିତ ପରିଚାଳନା ପାଇଁ ଅନୁକୂଳ ଓ ଯଥାଯଥ ନୀତି ପ୍ରଣୟନର ବାତାବରଣ ସୃଷ୍ଟି କରୁଥିବା ଚିଠା ପ୍ରସ୍ତାବର ଏକତମ ଅଂଶକୁ କ୍ରିୟାଶୀଳ କରାଇବାକୁ କେନ୍ଦ୍ର ସରକାର ବିହିତ ପଦକ୍ଷେପ ଗ୍ରହଣ କରିସାରିଛନ୍ତି । ଏହାର ଦ୍ୱିତୀୟ ଭାଗ ରୂପେ ଦେଶର ଦୀର୍ଘସୂତ୍ରୀ ଚାହିଦାମାନଙ୍କର ପର୍ଯ୍ୟାପ୍ତ ପରିପୂରଣ ପାଇଁ ଆନୁଷ୍ଠାନିକ ବ୍ୟବସ୍ଥା, ସାମର୍ଥ୍ୟ ତଥା ବ୍ୟାପକ ଜ୍ଞାନକୌଶଳର ବିକାଶ ତଥା ଏ କ୍ଷେତ୍ରରେ ପୁଞ୍ଜି ନିବେଶ କରିବା । ଏହି ଦ୍ୱିତୀୟ ପର୍ଯ୍ୟାୟର କାର୍ଯ୍ୟକାରିତା ପାଇଁ ବିଶ୍ୱବ୍ୟାଙ୍କର ପ୍ରସ୍ତାବିତ ସହାୟତାରେ ଗଠନ କରାଯାଇଛି **ଭାରତ ସମନ୍ୱିତ ଉପକୂଳ ଇଲାକା ପରିଚାଳନା ପ୍ରକଳ୍ପ** । ରାଷ୍ଟ୍ରୀୟ ସ୍ତରରେ ଓ ପରୀକ୍ଷାମୂଳକ ଭାବେ ତିନୋଟି ରାଜ୍ୟରେ ସମନ୍ୱିତ ଉପକୂଳ ଇଲାକା ପରିଚାଳନାର ପରିପ୍ରୟୋଗ ପାଇଁ ସାମର୍ଥ୍ୟ ନିର୍ମାଣର ସହାୟତା ଏହି ପ୍ରକଳ୍ପ ଯୋଗାଇ ଦେବ । ଏହି ପ୍ରଦର୍ଶନ ପ୍ରକ୍ରିୟା ଥରେ ସମ୍ପୂର୍ଣ୍ଣ ହୋଇଗଲେ ତେଣିକି ବିସ୍ତୃତ ପ୍ରଭାବ ଓ ଦୀର୍ଘସୂତ୍ରୀ ସଫଳତା ପାଇଁ ଏହି ପ୍ରୟାସକୁ ରାଷ୍ଟ୍ରୀୟ ସ୍ତର ସହ ଅବଶିଷ୍ଟ ୯ଟି ସମୁଦ୍ର ତଟବର୍ତ୍ତୀ ରାଜ୍ୟ ତଥା କେନ୍ଦ୍ର ଶାସିତାଞ୍ଚଳରେ ପରିପ୍ରୟୋଗ କରାଯିବ । ଏହି ପ୍ରୟୋଗଧାରାକୁ ଭାରତ ସରକାର ନିଜର ସମ୍ବଳରୁ କାର୍ଯ୍ୟକାରୀ କରାଇବେ ଏବଂ ଅନ୍ୟାନ୍ୟ ସଂସ୍ଥା ଚାହିଁଲେ ଏଥିପାଇଁ ଅତିରିକ୍ତ ପୁଞ୍ଜି ନିବେଶ କରି ପାରନ୍ତି । ଏହି କାର୍ଯ୍ୟକ୍ରମରୁ ଉପଲବ୍ଧ ଅଭିଜ୍ଞତା ଏବଂ ସୃଷ୍ଟ ସାମର୍ଥ୍ୟ ଭିତ୍ତିରେ ଦେଶର ଉପକୂଳ ଇଲାକା ସଂରକ୍ଷଣ ଓ

ପରିଚାଳନା ପାଇଁ ଭବିଷ୍ୟତରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଯୋଜନା ଓ କାର୍ଯ୍ୟକ୍ରମ ପ୍ରଣୟନ କରିବା ସମ୍ଭବପର ଓ ସହଜ ହେବ ।

୯. ସାଧାରଣ ଭାବେ ଉପକୂଳ ଓ ସାମୁଦ୍ରିକ ଅଞ୍ଚଳର ଏବଂ ବିଶେଷ ଭାବେ ପ୍ରକଳ୍ପର ସମନ୍ୱିତ ପରିଚାଳନାର ରହିଛି ଦୀର୍ଘସ୍ଥାୟୀ ପ୍ରଭାବ । ଉପକୂଳ ଇଲାକାରେ ଅର୍ଥନୈତିକ ଭିତ୍ତିଭୂମିର ବିକାଶ ସାଧନ ସହିତ ସାମଗ୍ରିକ ଭାବେ ଏ ଅଞ୍ଚଳର ଜନସାଧାରଣଙ୍କ ପାରିପାର୍ଶ୍ୱିକ, ସାଂସ୍କୃତିକ, ପାରଂପାରିକ ଅଧିକାର ଓ ଭୂଭାଗର ସୁରକ୍ଷା ହେଉଛି ଭାରତର ସମୃଦ୍ଧି ଓ ବିକାଶର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ । ସମତୁଲ, ଚିରସ୍ଥାୟୀ ଓ ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧି ହେଉଛି ଦାରିଦ୍ର୍ୟ ଦୂରୀକରଣର ମୂଳମନ୍ତ୍ର (Fulcrum) ଜଳବାୟୁ ପରିବର୍ତ୍ତନର ପ୍ରଭାବ ସ୍ୱରୂପ ବର୍ତ୍ତମାନ ଘଟୁଥିବା ଏବଂ ଅଧିକତର ଭାବେ ଭବିଷ୍ୟତରେ ଘଟିବାକୁ ଯାଉଥିବା ବିବିଧ ପ୍ରାକୃତିକ ବିପର୍ଯ୍ୟୟ ଓ ସଂକଟର କ୍ଷୟକ୍ଷତି ଆଶଂକକୁ ଉପକୂଳବର୍ତ୍ତୀ ଅଞ୍ଚଳର ମଣିଷମାନଙ୍କ ପାଇଁ ହ୍ରାସ କରିବାରେ, ଏହି ପ୍ରକଳ୍ପ ତଥା ଏହାଦ୍ୱାରା ଅଣାଯାଇଥିବା ବିବିଧପ୍ରକାର ସାମାଜିକ ସମୃଦ୍ଧିକରଣ କାର୍ଯ୍ୟକ୍ରମ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ।

## ୧.୨ ପ୍ରକଳ୍ପ ଆଲେଖ୍ୟ

୧୦. ପ୍ରକଳ୍ପର ଉନ୍ନୟନ ଅଭିଲକ୍ଷ୍ୟ ହେଉଛି ଭାରତର ସାମୁଦ୍ରିକ ଉପକୂଳ ଇଲାକାର ନୂତନ ସମନ୍ୱିତ ପରିଚାଳନା ଆଭିମୁଖ୍ୟକୁ ପରିପ୍ରୟୋଗ କରିବା ଦିଗରେ ରାଷ୍ଟ୍ରୀୟ ସାମର୍ଥ୍ୟ ନିର୍ମାଣ ପାଇଁ ଭାରତ ସରକାରଙ୍କୁ ସହାୟତା କରିବା ଏବଂ ଏହି ସମନ୍ୱିତ ପରିଚାଳନା ଆଭିମୁଖ୍ୟକୁ ପ୍ରଥମେ ଓଡ଼ିଶା, ଗୁଜୁରାଟ ଓ ପଶ୍ଚିମବଙ୍ଗ ଭଳି ତିନୋଟି ରାଜ୍ୟରେ ପରୀକ୍ଷାମୂଳକ ଭାବେ ପ୍ରୟୋଗ କରିବା । ଏହି ପ୍ରକଳ୍ପର ରହିବ ଚାରୋଟି ଉପାଦାନ - ଗୋଟିଏ ହେଉଛି ରାଷ୍ଟ୍ର ସ୍ତରୀୟ ସାମର୍ଥ୍ୟ ଓ ଜ୍ଞାନକୌଶଳ ନିର୍ମାଣ ଏବଂ ରାଜ୍ୟ ସ୍ତରୀୟ ସାମର୍ଥ୍ୟ ନିର୍ମାଣ ପାଇଁ ଅନ୍ୟ ତିନୋଟି ପ୍ରାଦେଶିକ ଉପାଦାନ ଯାହାକୁ ମୁଷ୍ଟିମେୟ କିଛି ସ୍ଥାନୀୟ ସଂସ୍ଥା ପୁଞ୍ଜି ବିନିଯୋଗ ଭିତ୍ତିରେ ସହାୟତା କରିବେ, ଯାହା ଫଳରେ ଆନ୍ତଃ-ପରିସର ଭିତ୍ତିକ ଜ୍ଞାନ ଆହରଣ ଓ ଯୁଗ୍ମ ପରିପ୍ରୟୋଗ ଧାରା ତ୍ୱରାନ୍ୱିତ ହେବ ।

କ. **ପ୍ରଥମ ଉପାଦାନ :** ରାଷ୍ଟ୍ରୀୟ ସମନ୍ୱିତ ଉପକୂଳ ଇଲାକା ପରିଚାଳନା (ଆଇ.ସି.ଜେଡ୍.ଏମ୍) ସାମର୍ଥ୍ୟ ନିର୍ମାଣ ।

୧୧. ରାଷ୍ଟ୍ରୀୟ ଉପାଦାନର ଅନ୍ତର୍ଗତ ହେଉଛି (କ) ଭାରତର ଉପକୂଳର ମୁଖ୍ୟ ସ୍ଥଳଭାଗର ସଙ୍କଟ ଅକ୍ଷଧାରକ (Hazard line) ମାପିବା, ମାନଚିତ୍ର ଅଙ୍କନ କରିବା, ରେଖାଙ୍କନ ଓ ସୀମା ନିର୍ଦ୍ଧାରଣ କରିବା (ଖ) ପରିବେଶଗତ ପାରିପାର୍ଶ୍ୱିକ ସ୍ପର୍ଶକାତର ଇଲାକାମାନଙ୍କର

ଆବଶ୍ୟକତା ଅନୁଯାୟୀ ମାପନ, ରେଖାଙ୍କନ ଓ ସୀମା ନିର୍ଦ୍ଧାରଣ (ଗ) ରାଷ୍ଟ୍ରୀୟ ଉପକୂଳ ଇଲାକା ପରିଚାଳନା ଦପ୍ତରର ସଚିବାଳୟ ପାଇଁ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ଏବଂ ଏହି ସମନ୍ୱିତ ଉପକୂଳ ପରିଚାଳନା ନିମନ୍ତେ ରାଷ୍ଟ୍ରବ୍ୟାପୀ ତାଲିମ କାର୍ଯ୍ୟକ୍ରମର ସାମର୍ଥ୍ୟ ନିର୍ମାଣ (ଘ) ଉପକୂଳ ଇଲାକାର ଚିରସ୍ଥାୟୀ ପରିଚାଳନା ପାଇଁ ଏକ ନୂତନ ରାଷ୍ଟ୍ରୀୟ କେନ୍ଦ୍ରର ପ୍ରତିଷ୍ଠା ଓ କାର୍ଯ୍ୟକାରୀତା ।

୧୨. **ସଙ୍କଟ ଅକ୍ଷଧାରର** (Hazard line) **ମାପନ, ରେଖାଙ୍କନ ଓ ସୀମାନିର୍ଦ୍ଧାରଣ :**

ସ୍ୱାମୀନାଥନ୍ କମିଟିର ସୁପାରିଶ ପରଠାରୁ ପରିବେଶ ଓ ଅରଣ୍ୟ ମନ୍ତ୍ରଣାଳୟ ପକ୍ଷରୁ ଉପକୂଳର ସଙ୍କଟ ଅକ୍ଷଧାର ରେଖାଙ୍କନ ଓ ମାପିବା ପାଇଁ ଏକ ବିନ୍ୟାସ ପ୍ରଣାଳୀ ଚୂଡ଼ାନ୍ତ କରିବାକୁ ୨୦୦୬ ମସିହାରେ ଏକ ବିଶେଷଜ୍ଞ କମିଟି ଗଠନ କରାଗଲା । ଏହି ସଙ୍କଟ ଅକ୍ଷଧାରକୁ ନିରୂପିତ କରିବା ନିମନ୍ତେ ବିଶେଷଜ୍ଞ କମିଟି ପକ୍ଷରୁ ସ୍ଥଳଭାଗୀୟ ସ୍ଥିତି ଉତ୍ତରଣ (Topographic elevation), ସମୁଦ୍ର ଜଳ ପତ୍ତନ ବୃଦ୍ଧିର ପ୍ରଭାବ ସମେତ ଉପକୂଳର ବନ୍ୟା ପ୍ଲାବନ ଉଚ୍ଚତା, ଉପକୂଳ ଅବକ୍ଷୟର ପରିସଂଖ୍ୟାନ ଭଳି କେତେକ ପ୍ରୟୋଗାତ୍ମକ ପଦ୍ଧତି ପ୍ରସ୍ତାବିତ ହେଲା । ୨୦୦୬ ରୁ ୨୦୦୮ ମସିହା ଅବଧି ମଧ୍ୟରେ ଅନୁଷ୍ଠିତ ବିଭିନ୍ନ ଅନୁଧ୍ୟାନ ଓ ଆଲୋଚନା (ଫୋରମ୍)ରେ ଏସବୁ ଅଭିରୁଚି ଓ ସବିଶେଷ ପ୍ରସଙ୍ଗ ଚର୍ଚ୍ଚିତ ଓ ଆଲୋଚିତ ହେଲା । ବୈଜ୍ଞାନିକମାନଙ୍କୁ ମିଶାଇ ବିଭିନ୍ନ ବିଶେଷଜ୍ଞଙ୍କ ମଧ୍ୟରେ ଏହି ଭିତ୍ତିରେ ଗୋଟିଏ ଏକମୁଖୀ ସହମତି ପ୍ରକାଶ ପାଇବା ନେଇ ପ୍ରକଳ୍ପର ପ୍ରସ୍ତୁତି କାଳରେ ଅନେକଗୁଡ଼ିଏ କର୍ମଶାଳା ଅନୁଷ୍ଠିତ ହୋଇଥିଲା । ପ୍ରତ୍ୟେକ ରାଜ୍ୟର ପ୍ରକଳ୍ପର ଅଂଶୀଦାରମାନଙ୍କ ପାଇଁ ବିଶେଷଜ୍ଞ ସହମତି ପ୍ରଦାନ କରାଗଲା ଏବଂ ଚୂଡ଼ାନ୍ତ ବିନ୍ୟାସ ପ୍ରଣାଳୀଗୁଡ଼ିକ ଉପରେ ସମସ୍ତେ ସମ୍ମତ ହେଲେ । ଆଗାମୀ ୧୦୦ ବର୍ଷର ବନ୍ୟାପ୍ଲାବନ ସୀମା (ସମୁଦ୍ର ଜଳ ପତ୍ତନ ବୃଦ୍ଧିର ପ୍ରଭାବ ଏଥିରେ ଅନ୍ତର୍ଭୁକ୍ତ) ଏବଂ ୧୦୦ ବର୍ଷ ମଧ୍ୟରେ ଭବତବ୍ୟ ଅବକ୍ଷୟକୁ ଆକଳନରେ ରଖି ଭାରତର ପ୍ରମୁଖ ଉପକୂଳରେ ସଙ୍କଟ ଅକ୍ଷଧାର ନିରୂପିତ ଓ ରେଖାଙ୍କିତ ହେବ ବା ତାହାର ନକ୍ସା ଓ ମାନଚିତ୍ର ପ୍ରକାଶ ପାଇବ । ଏଥିରେ ଅନ୍ତର୍ଭୁକ୍ତ ହେବ (କ) ସମଗ୍ର ଉପକୂଳରେ ସ୍ଥଳୀୟ ସ୍ଥିତିର ୦.୫ମିଟର ସୀମାନ୍ତର ବ୍ୟାପ୍ତି (Contour Interval) ଉପରେ ଚିତ୍ରିତ ନମୂନାର ସର୍ବେକ୍ଷଣ ଓ ପ୍ରସ୍ତୁତି (ଖ) ଇତିହାସରେ ଲିପିବଦ୍ଧ ପୁରାତନ ସମୁଦ୍ର ଜୁଆର ମାପନ ତଥ୍ୟର ସଂଗ୍ରହ ଓ ବିଶ୍ଲେଷଣ ଭିତ୍ତିରେ ଆଗାମୀ ୧୦୦ ବର୍ଷର ବନ୍ୟା ପ୍ଲାବନ ସ୍ତର ନିର୍ଦ୍ଧାରଣ (ଗ) ଆଗାମୀ ୧୦୦ ବର୍ଷର ସଂଘଟିତ ହେବାକୁ ଥିବା ଉପକୂଳ ଅବକ୍ଷୟ ରେଖା ନିର୍ଦ୍ଧାରଣ ପାଇଁ ୧୯୬୭ ପରଠାରୁ କୃତ୍ରିମ ଉପଗ୍ରହ ଦ୍ୱାରା ଉତ୍ତୋଳିତ ଚିତ୍ର ତଥା ମାନଚିତ୍ରମାନଙ୍କର ବିଶ୍ଲେଷଣ (ଘ) ଉପକୂଳସ୍ଥ ଅଞ୍ଚଳର ଡ଼ିଜିଟାଲ

ନମୁନାରେ ସଙ୍କଟ ଅକ୍ଷଧାର ଦର୍ଶାଇବା ପାଇଁ ଜଟିଳ ମିଶ୍ରିତ ପ୍ରସ୍ତୁତି ଏବଂ (ଙ) ସର୍ବସାଧାରଣ ଅବବୋଧ, ବିସ୍ତାରଣ ପାଇଁ ଭୌଗଳିକ ମାନଚିତ୍ରକୁ ଏସବୁ ସଙ୍କଟ ଅକ୍ଷଧାରକୁ ସ୍ଥାନାନ୍ତରିତ କରିବା । ଥରେ ଏହି ସଙ୍କଟ ବିପଦସଙ୍କୁଳ ଅକ୍ଷଧାର ରେଖାଙ୍କିତ ହୋଇଗଲାପରେ ସ୍ଥଳଭାଗରେ ଏସବୁ କଂକ୍ରିଟ୍ ପଥର ଦ୍ୱାରା ନିର୍ମିତ ହୋଇ ଚିହ୍ନିତ ହେବ । ସ୍ଥାନୀୟ ଯୋଜନା ଓ ଜମିଜମା ସୀମା ନିର୍ଣ୍ଣୟ ଉଦ୍ଦେଶ୍ୟରେ ବ୍ୟବହୃତ ରାଜସ୍ୱ ବିଭାଗୀୟ ନକ୍ସାର ଏହି ଜଟିଳ ଭୂ-ବୃତ୍ତାନ୍ତ (Topography)ମାନଚିତ୍ର ସହ ଆଦୌ ତୁଳନୀୟ ହୋଇନଥିବାରୁ ଏସବୁର ପ୍ରସ୍ତୁତି ଖୁବ୍ ଗୁରୁତ୍ୱପୂର୍ଣ୍ଣ । ଉପକୂଳ ଅଞ୍ଚଳରେ ପୁଞ୍ଜି ବିନିଯୋଗ ତଥା ଶିଳ୍ପୋଦ୍ୟୋଗ ପ୍ରତିଷ୍ଠା କରିବାକୁ ଚାହୁଁଥିବା ନିବେଶକାରୀ ଓ ଅଂଶୀଦାରମାନେ ଉପକୂଳ ବିଧିବିଧାନମାନଙ୍କର ପ୍ରୟୋଗଧାରାକୁ ନେଇ ଥରକୁ ଥର ଯେଉଁପରି ସଂଶୟରେ ପଡୁଥିଲେ ଏବଂ ନିଧାର୍ଯ୍ୟ ନିଷ୍ପତ୍ତି ନେବାରେ ଅସୁବିଧାର ସମ୍ମୁଖୀନ ହେଉଥିଲେ ସଂପ୍ରତି ଏଭଳି ଭୂ-ବୃତ୍ତାନ୍ତ (Topography) ଭିତ୍ତିକ ଉପକୂଳୀୟ ମାନଚିତ୍ରର ପ୍ରସ୍ତୁତି ଓ ସାର୍ବଜନୀନ ଉପସ୍ଥାପନା ପରେ ତଥା ସମୁଦ୍ର କୂଳେ କୂଳେ ସ୍ଥଳଭାଗୀୟ ସୀମାରେଖା ନିର୍ମିତ ହେବାପରେ ସେସବୁ ସଂଶୟ ସବୁଦିନ ପାଇଁ ଦୂର ହୋଇଯିବ । ଥରେ ମପାହୋଇ ରେଖାଙ୍କିତ ମାନଚିତ୍ରରେ ପ୍ରକାଶ ପାଇବା ପରେ ସଙ୍କଟ ଅକ୍ଷଧାର ଏଣିକି ପାଲଟିବ ସଂପୃକ୍ତ ରାଜ୍ୟ କିମ୍ବା ସ୍ଥାନୀୟ ସମନ୍ୱିତ ଉପକୂଳ ଇଲାକା ପରିଚାଳନା ଯୋଜନାମାନଙ୍କ ପାଇଁ ସ୍ଥଳଭାଗୀୟ ସୀମାରେଖା ।

## ୧୩. ପାରିବେଶିକ ସ୍ପର୍ଶକାତର ଅଞ୍ଚଳ (ଇ.ଏସ୍.ଏ.) ପାଇଁ ଆବଶ୍ୟକ ମାପନ, ରେଖାଙ୍କନ ଓ ସୀମା ନିର୍ଦ୍ଧାରଣ :

ସ୍ୱାମୀନାଥନ କମିଟିର ସୁପାରିସ୍ ଭିତ୍ତିରେ ପାରିବେଶିକ ସ୍ପର୍ଶକାତର ଅଞ୍ଚଳଗୁଡ଼ିକୁ ଚିହ୍ନିତ କରିବାପାଇଁ ଏହାର ପ୍ରକାରଭେଦ, ପ୍ରକୃତି ଓ ଚରିତ୍ରଗୁଡ଼ିକର ସଂଜ୍ଞା ନିର୍ଦ୍ଧାରଣ ନିମନ୍ତେ ପ୍ରକଳ୍ପର ପ୍ରସ୍ତୁତି ଅବଧିରେ ଏକ ପରାମର୍ଶ-ଭିତ୍ତିକ ଅନୁଧ୍ୟାନ ଅନୁଷ୍ଠିତ ହୋଇଥିଲା । ଏ ସଂକ୍ରାନ୍ତରେ ବିଶେଷଜ୍ଞ ଓ ଅଂଶୀଦାରମାନଙ୍କ ଏକକ ସହମତି ମିଳିବା ପରେ ଏହି ଅନୁଧ୍ୟାନ ପକ୍ଷରୁ ୧୫ଟି ଭିନ୍ନଭିନ୍ନ ପ୍ରକାର ପରିବେଶ-ସ୍ପର୍ଶକାତର ଇଲାକାର ବର୍ଗୀକରଣ, ନକ୍ସା ପ୍ରସ୍ତୁତି ଓ ସୀମା ନିର୍ଦ୍ଧାରଣ ପାଇଁ ଅନୁମୋଦନ କରାଗଲା । ଏହି ସ୍ପର୍ଶକାତର ଇଲାକା ଅନ୍ତର୍ଗତ ହେଉଛି : ବର୍ତ୍ତମାନ ସଂରକ୍ଷିତ ଜାତୀୟ ଉଦ୍ୟାନ, ବନ୍ୟଜନ୍ତୁ ଅଭୟାରଣ୍ୟ (ଯାହା ମଧ୍ୟରୁ ଅଧିକାଂଶର ନକ୍ସା ରହିଛି), ଜୁଆରିଆ ଲୁଣା ଜଙ୍ଗଲ, ପ୍ରବାଳ ପ୍ରାଚୀର , ସାମୁଦ୍ରିକ ତୃଣ ଓ ଶୈବାଳ ଶଯ୍ୟା, ସାମୁଦ୍ରିକ ଉଦ୍ଭିଦ ଜଗତ, ସମୁଦ୍ର ବେଳାଭୂମି, ବାଲୁକାବନ୍ତ, ପ୍ରସ୍ତର ପ୍ରାଚୀର, କର୍ଦ୍ଦମାକ୍ତ ସମତଳ, ଉପହ୍ରଦ, ଲୁଣକିଆରୀ, ବୃହତ୍ ନଦୀ ମୁହାଣ ଏବଂ ଅଲିଭ୍‌ରିଡ୍‌ଲେ କଇଁଛ ଓ ରାମଲେଖନୀ କଙ୍କଡ଼ା ଭଳି ଅପସୃୟମାଣ ସାମୁଦ୍ରିକ ଜୀବ ପ୍ରଜାତିଙ୍କ (Critical Species) ଆଶ୍ରୟସ୍ଥଳୀ । ଏସବୁର ପ୍ରତ୍ୟେକ ଶ୍ରେଣୀର ପ୍ରାକୃତିକ ଓ

ପରିବେଶଗତ ସୁସ୍ଥତା ଓ ସଂବର୍ଦ୍ଧନକୁ ନିଶ୍ଚିତ କରାଇବାନେଇ ସବିଶେଷ ପ୍ରଣାଳୀ ମଧ୍ୟ ନିର୍ଦ୍ଧାରିତ ହୋଇଛି । ଏହି ପ୍ରଣାଳୀ ବା ପଦ୍ଧତିର ଅନୁସରଣରେ ପରିବେଶଗତ ସ୍ପର୍ଶକାତର ଇଲାକାମାନ ଚିହ୍ନିତ ଓ ସୀମାମଣ୍ଡିତ ହେବ । ଥରେ ଏଗୁଡ଼ିକ ରେଖାଙ୍କିତ ହୋଇଯିବା ପରେ ସ୍ପର୍ଶକାତର ଇଲାକାମାନଙ୍କର ସୀମା ସରହଦ ସଙ୍କଟ ଅକ୍ଷଧାରର ସୀମା ନିର୍ଦ୍ଧାରଣ କରାଯାଇଥିବା ଭୌଗଳିକ ମାନଚିତ୍ରକୁ ସ୍ଥାନାନ୍ତରିତ ହେବ । ଉପକୂଳ ପରିଚାଳନା ଇଲାକା ଅନ୍ତର୍ଗତ ଏହି ସ୍ପର୍ଶକାତର ଅଞ୍ଚଳର ପ୍ରଧାରକ (Contiguous)ଗୁରୁତ୍ୱପୂର୍ଣ୍ଣ ସ୍ଥଳଗୁଡ଼ିକ ସି.ଆର୍.ଜେଡ୍-୧ ନାମରେ ଅବିହିତ ହେବେ ଏବଂ ଏଗୁଡ଼ିକର ପରିଚାଳନା ଦାୟିତ୍ୱ ଗ୍ରହଣ କରିବ କେନ୍ଦ୍ରସରକାରଙ୍କ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ।

**୧୪. ଉପକୂଳ ଇଲାକା ପରିଚାଳନା ପାଇଁ ନୂତନ ରାଷ୍ଟ୍ରୀୟ ପ୍ରତିଷ୍ଠାନର ସ୍ଥାପନା :**

ପ୍ରକଳ୍ପ ପ୍ରସ୍ତୁତିକାଳରେ ଉପକୂଳ ଇଲାକା ପରିଚାଳନା ପାଇଁ ଏକ ରାଷ୍ଟ୍ରୀୟ ପ୍ରତିଷ୍ଠାନ ନିମନ୍ତେ କାର୍ଯ୍ୟକ୍ରମ ଖସଡ଼ା ପ୍ରଣୟନର ରୂପରେଖ ନେଇ ଅଧ୍ୟୟନ ଅନୁଷ୍ଠିତ ହୋଇଯାଇଛି । ସମନ୍ୱିତ ଉପକୂଳ ଇଲାକା ପରିଚାଳନା ପାଇଁ ଦେଶରେ ରହିଥିବା ଜ୍ଞାନକୌଶଳର ଅଭାବ ଉପରେ ଏହି ଅଧ୍ୟୟନ ବିଶ୍ଳେଷଣ କରିଥିଲା । ସଂପୃକ୍ତ କ୍ଷେତ୍ରରେ ରହିଥିବା ବୈଜ୍ଞାନିକ, ଆଇନଗତ ଓ ବୈଷୟିକ ତାରତମ୍ୟ ତଥା ଜ୍ଞାନକୌଶଳର ଆବଶ୍ୟକତାକୁ ନିର୍ଦ୍ଧାରଣ କରାଯାଇଛି । ଏଗୁଡ଼ିକ ମଧ୍ୟରେ ରହିଛି ସାମୁଦ୍ରିକ ବିଦ୍ୟାର ଭୌତିକ, ରାସାୟନିକ ଓ ଜୀବତାତ୍ତ୍ୱିକ ଦିଗ; ଉପକୂଳ ଭୂତତ୍ତ୍ୱ ଓ ଭୂ-ତାତ୍ତ୍ୱିକ ବିସ୍ତାର କ୍ଷେତ୍ର; ଉପକୂଳ ଯାନ୍ତ୍ରିକ ବିଦ୍ୟା; ମୁକ୍ତ ଓ କୃତ୍ରିମ ମତ୍ସ୍ୟଚାଷ; ଉପକୂଳ ଓ ସାଗରଗର୍ଭର ସମ୍ବଳ; ଉପକୂଳ ପରିପାର୍ଶ୍ୱ ଓ ପରିବେଶ; ଆଞ୍ଚଳିକ ଯୋଜନା; ପାରିପାର୍ଶ୍ୱିକ ପ୍ରକୃତିର ପରିଚାଳନା; (Eco System Management) ; ବିଧିବଦ୍ଧ ପରିବେଶିକ ବିଶ୍ଳେଷଣ; ପରିବେଶଗତ ଅନୁଶୀଳନ; ସମନ୍ୱିତ ଉପକୂଳ ଇଲାକା ପରିଚାଳନା; ସାମୁଦ୍ରିକ କ୍ଷେତ୍ରର ପରିଚାଳନା; ପାରମ୍ପାରିକ ଜ୍ଞାନକୌଶନ; ଉପକୂଳସ୍ଥ ଜନସଂପ୍ରଦାୟଙ୍କ ସାମାଜିକ ଓ ସାଂସ୍କୃତିକ ନୃତତ୍ତ୍ୱ ଏବଂ ସର୍ବୋପରି ଏହି ଜନଗୋଷ୍ଠୀଙ୍କ ବିକାଶ ଆବଶ୍ୟକତା । ଏହାକୁ ଅନୁସରଣ କରିବ ସାମର୍ଥ୍ୟର ଏକ ସମୀକ୍ଷା ଯେଉଁଥିରେ ମାନବସମ୍ବଳ ଓ ବିଶେଷଜ୍ଞପଣର ଉନ୍ନତୀକରଣର ଆବଶ୍ୟକତା, ଉପଲବ୍ଧ ଜ୍ଞାନକୌଶଳର ପ୍ରୟୋଗ ପାଇଁ ଆଇନଗତ/ ନୀତିଗତ ବାତାବରଣ ସୃଷ୍ଟି ତଥା ଆନୁଷ୍ଠାନିକ ଗଠନ ପ୍ରକ୍ରିୟା; ଭୌତିକ ଓ ଆର୍ଥିକ ସମ୍ବଳମାନଙ୍କରେ ଅଭିବୃଦ୍ଧି ପ୍ରଭୃତି ନିରୂପିତ କରିବା ଯାହା ହେଉଛି ଜ୍ଞାନ ଓ ସାମର୍ଥ୍ୟ ନିର୍ମାଣ କାର୍ଯ୍ୟକ୍ରମ ପାଇଁ ମୁଖ୍ୟ ବ୍ୟବଧାନ ସମୂହ । ଭାରତରେ ସମନ୍ୱିତ ଉପକୂଳ ଇଲାକା ପରିଚାଳନା ପାଇଁ ଆନ୍ତର୍ଜାତିକ ସ୍ତରୀୟ ସର୍ବୋତ୍ତମ ପ୍ରୟୋଗଧାରା ଓ ଆଭିମୁଖ୍ୟର ବିକାଶ ଓ ପରିବର୍ଦ୍ଧନ ପାଇଁ ପ୍ରସ୍ତାବିତ ରାଷ୍ଟ୍ରୀୟ ସ୍ଥାୟୀ ସାମର୍ଥ୍ୟଯୁକ୍ତ (Sustainable) ଉପକୂଳ ଇଲାକା ପରିଚାଳନା କେନ୍ଦ୍ରର (NCSCZM) ପ୍ରତିଷ୍ଠା

କରାଯିବ ଯାହା ସ୍ୱାମୀନାଥନ କମିଟିର ଅନୁମୋଦନ, ଅଂଶୀଦାରମାନଙ୍କ ସହ ଆଲୋଚନା ଚର୍ଚ୍ଚା ତଥା ଅଧ୍ୟୟନ ଫଳାଫଳ ଉପରେ ପର୍ଯ୍ୟବସିତ ।

୧୫. ଭାରତ ଏବଂ ଅନ୍ୟତ୍ର ରହିଥିବା ସମନ୍ୱିତ ଉପକୂଳ ଇଲାକା ପରିଚାଳନା (ଆଇ.ସି.ଜେଡ୍.ଏମ୍) ଧାରା ଉପରେ ତଥ୍ୟ ଓ ଜ୍ଞାନର ଏକ କେନ୍ଦ୍ରୀୟ ଗନ୍ତାଘର ବିକାଶ କରିବାକୁ ଅନୁଷ୍ଠାନଟି କାର୍ଯ୍ୟ କରିବ ଯେଉଁଥିରେ ଅନ୍ତର୍ଭୁକ୍ତ ହେବ ଆଇ.ସି.ଜେଡ୍.ଏମ୍ ର ସଫଳତା ଓ ବିଫଳତାର ବିଶ୍ଳେଷଣ ତଥା ଭାରତୀୟ ପରିପ୍ରେକ୍ଷୀରେ ଅନୁକୂଳ ପ୍ରୟୋଗଧାରାର ବିକାଶ; ଏଥିପାଇଁ ଏକ ସୁସ୍ଥ ପ୍ରଯୁକ୍ତି ବିଦ୍ୟା ତଥା ପ୍ରାୟୋଗିକ ପରିଚାଳନା ଆଭିମୁଖ୍ୟର ସଂବର୍ଦ୍ଧନ; ଆଇ.ସି.ଜେଡ୍.ଏମ୍ ଆଭିମୁଖ୍ୟ, କାର୍ଯ୍ୟକ୍ରମ ଓ ପ୍ରକଳ୍ପମାନଙ୍କର ପ୍ରୟୋଗଧାରାର ମୂଲ୍ୟାୟନ ତଥା ନିୟନ୍ତ୍ରଣ; ଉପକୂଳ ପରିଚାଳନା ସଂପର୍କିତ ନୀତିଗତ, ବୈଧାନିକ ଓ ବୈଜ୍ଞାନିକ ପ୍ରସଙ୍ଗମାନଙ୍କ ଉପରେ ସରକାର ତଥା ଅନ୍ୟାନ୍ୟ ଅଂଶୀଦାରମାନଙ୍କୁ ପରାମର୍ଶ ପ୍ରଦାନ; ସରକାର, ବିଶେଷଜ୍ଞ ଓ ଉପକୂଳସ୍ଥ ଜନଗୋଷ୍ଠୀଙ୍କ ମଧ୍ୟରେ ଏକ ସଂଲଗ୍ନକ ମୁଖଶାଳା ରୂପେ କାର୍ଯ୍ୟ କରିବା; ପ୍ରକୃତି ଓ ପରିବେଶ ଉପରେ ସଚେତନତା ସୃଷ୍ଟି ସହ ଉପକୂଳ ପରିଚାଳନା ସଂପର୍କରେ ସବିଶେଷ ପ୍ରୟୋଗାତ୍ମକ ଗବେଷଣା, ଶିକ୍ଷା ଓ ସଚେତନତାର ବିକାଶ ସାଧନ । ଏସବୁ ଅଭିଲକ୍ଷ୍ୟ ହାସଲ କରିବା ପାଇଁ ପ୍ରସ୍ତାବିତ ରାଷ୍ଟ୍ରୀୟ ସ୍ଥାୟୀ ସାମର୍ଥ୍ୟଯୁକ୍ତ ଉପକୂଳ ଇଲାକା ପରିଚାଳନା କେନ୍ଦ୍ର (NCSCZM) ନାମରେ ଏକ ସ୍ୱୟଂଚାଳିତ ଅନୁଷ୍ଠାନ ପ୍ରତିଷ୍ଠା କରାଯିବ, ଯାହାର ଲକ୍ଷ୍ୟ ରହିବ ଉପକୂଳ ଓ ସାମୁଦ୍ରିକ କ୍ଷେତ୍ରର ପରିଚାଳନାକୁ ବିଶ୍ୱସ୍ତରୀୟ ମର୍ଯ୍ୟାଦାଜନକ ପ୍ରତିଷ୍ଠାନରେ ପରିଣତ କରିବା ।

୧୬. **ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟର ସାମର୍ଥ୍ୟ ନିର୍ମାଣ :** ରାଷ୍ଟ୍ରୀୟ ଉପକୂଳ ଇଲାକା ପରିବେଶ ପ୍ରତିଷ୍ଠାନ (NCSCZM)ର ସଚିବାଳୟ ରୂପେ ଭୂମିକା ନିର୍ବାହ ପାଇଁ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ କେତଦୂର ସମର୍ଥ୍ୟ ଏବଂ ଏ ଦିଗରେ ତା'ର ବର୍ତ୍ତମାନ ରହିଥିବା ପ୍ରତିବଂଧକଗୁଡ଼ିକର ସମୀକ୍ଷା କରାଯାଇଥିଲା । ଅଧିକନ୍ତୁ ସମନ୍ୱିତ ଉପକୂଳ ଅଞ୍ଚଳ ପରିଚାଳନା ଆଭିମୁଖ୍ୟକୁ ଏହା ଗ୍ରହଣ କରିବାକୁ ଥିବା ପ୍ରସ୍ତାବର ରୂପାୟନ ଦିଗରେ ଆବଶ୍ୟକ ସାମର୍ଥ୍ୟକୁ ନିର୍ଣ୍ଣୟ କରିବା ଏବଂ ପରିଣାମ ସ୍ୱରୂପ ମନ୍ତ୍ରଣାଳୟର ଦାୟିତ୍ୱ ସଂପାଦନରେ ଆସିବାକୁ ଥିବା ପରିବର୍ତ୍ତନର ମଧ୍ୟ ସମୀକ୍ଷା କରାଯାଇଥିଲା । ଏହି ସମୀକ୍ଷା ଭିତ୍ତିରେ ତଥା NCSCZM ଓ ଉପକୂଳ ରାଜ୍ୟମାନଙ୍କ ସହ ପରାମର୍ଶ ଅନୁଯାୟୀ ଏକ ସାମର୍ଥ୍ୟ ନିର୍ମାଣ ଯୋଜନା ମଧ୍ୟ ପ୍ରସ୍ତୁତ ହୋଇସାରିଛି । ନିମ୍ନଲିଖିତ କଥା ଗୁଡ଼ିକ ୨୦୦୯ ଡ଼ିସେମ୍ବର ସୁଦ୍ଧା ସଂପନ୍ନ ହେବାକୁ ନିର୍ଧାର୍ଯ୍ୟ ହୋଇଛି - ୧) କର୍ମଚାରୀ ନିୟୋଜନ (ଅଭିଜ୍ଞତା ମିଶ୍ରିତ, ପଦବୀର ବର୍ଣ୍ଣନା ଯାହା ସହିତ ରହିଛି ଆଭ୍ୟନ୍ତରୀଣ କାର୍ଯ୍ୟକାରିତା ବିଭାଗ), ଉପକରଣ ସାଜସଜ୍ଜା, କାର୍ଯ୍ୟାଳୟ ପରିସର ବ୍ୟାପ୍ତି ଏବଂ ଏହିଭଳି କାର୍ଯ୍ୟ ସଂପାଦନ ନିମନ୍ତେ ଅନ୍ୟାନ୍ୟ ଆବଶ୍ୟକତା ତଥା

ପରିଚାଳନା ଓ ପରି ପ୍ରୟୋଗର ଅନ୍ୟାନ୍ୟ ବ୍ୟବସ୍ଥା । ୨) ପୁଞ୍ଜି ବିନିଯୋଗ ଓ କାର୍ଯ୍ୟାଳୟ ପରିଚାଳନା ପାଇଁ ଆବଶ୍ୟକ ଖର୍ଚ୍ଚର ଖସଡ଼ା (ବଜେଟ) ଏବଂ ଆନୁଷ୍ଠାନିକ ପରିବର୍ତ୍ତନର ପରିପ୍ରୟୋଗ ନିମନ୍ତେ ସମୟ ନିର୍ଘଣ୍ଟ । ଏଠାରେ ସ୍ମରଣ ରଖିବାକୁ ହେବ ଯେ ସ୍ୱୟଂ ପ୍ରକଳ୍ପର ପରିପ୍ରୟୋଗ ଦ୍ୱାରା ସାମର୍ଥ୍ୟ ନିର୍ମାଣ ଚାହିଦାର ଏକ ଅଂଶ ପରିପୂରଣ ହୋଇଯାଉଛି ।

୧୭. **ପ୍ରକଳ୍ପ ପରିଚାଳନା :** ରାଷ୍ଟ୍ରୀୟ ପ୍ରକଳ୍ପ ପରିଚାଳନା ୟୁନିଟ୍ (NPMN)ର କାର୍ଯ୍ୟକାରିତା ଓ ସହାୟକ କର୍ମଚାରୀଗଣଙ୍କ ନିଯୁକ୍ତି, ପର୍ଯ୍ୟାପ୍ତ ଆର୍ଥିକ ପରିଚାଳନା ଓ ଉପାର୍ଜନ ପରିଚାଳନା ବ୍ୟବସ୍ଥାମାନଙ୍କର ପ୍ରତିଷ୍ଠା, ଯୋଗାଯୋଗ ବ୍ୟବସ୍ଥା ତଥା ତଥ୍ୟ ପ୍ରାପ୍ତିର ଅଧିକାର (ଆର୍.ଟି.ଆଇ) ସମ୍ପର୍କିତ ପଦକ୍ଷେପମାନଙ୍କର ପରିପ୍ରୟୋଗ, ଶାସନରୀତି ଓ ଉତ୍ତରଦାୟୀ ବ୍ୟବସ୍ଥାର ପରିପ୍ରୟୋଗ ଓ ତୃତୀୟ ପକ୍ଷ ଦ୍ୱାରା ହିସାବ ଯାଞ୍ଚ, ଉପକୂଳୀୟ ରାଜ୍ୟମାନଙ୍କ ସହ ସମନ୍ୱୟ ବୈଠକ ଓ ଅନ୍ୟାନ୍ୟ ଅଂଶୀଦାରଙ୍କ ସହ ଯୋଗସୂତ୍ର ରକ୍ଷା ଏବଂ ସ୍ୱତନ୍ତ୍ର ଅନୁଶୀଳନ ଅଧ୍ୟୟନ କରିବା । ଏହା ଆଶା କରାଯାଉଛି ଯେ ଏକ ସ୍ୱୟଂଚାଳିତ ସମିତି ଭାବେ ସ୍ଥାପିତ ହେଉଥିବା ପ୍ରକଳ୍ପ ପରିଚାଳନା ୟୁନିଟ୍ (ପି.ଏମ୍.ୟୁ) ପ୍ରକଳ୍ପର ପରିଚାଳନା ଅବଧି ମଧ୍ୟରେ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟର ଉପକୂଳ ଇଲାକା ପରିଚାଳନା ଉପଖଣ୍ଡରେ ରୂପାନ୍ତରୀତ ହୋଇଯିବ ଯାହା ମନ୍ତ୍ରଣାଳୟର ସାମର୍ଥ୍ୟ ନିର୍ମାଣ ପରିକଳ୍ପନା ରୂପେ ରଖାଯାଇଛି । ପ୍ରକଳ୍ପ ପରିଚାଳନା ପାଇଁ ଆର୍ଥିକ ପରିଚାଳନା ଓ ଆୟ ଉପାର୍ଜନ ବ୍ୟବସ୍ଥା ତଥା ନିୟନ୍ତ୍ରଣ, ମୂଲ୍ୟାୟନ ପଦ୍ଧତି ଭଳି ଯେଉଁସବୁ ବ୍ୟବସ୍ଥା ରଖାଯାଇଛି ସେଗୁଡ଼ିକ ଭବିଷ୍ୟତରେ ମଧ୍ୟମ ଧରଣର ସମୟ ନିର୍ଘଣ୍ଟ ମଧ୍ୟରେ ସାମର୍ଥ୍ୟ ନିର୍ମାଣ ଯୋଜନା ଭିତରେ ଏକୀଭୂତ ହୋଇଯିବ ।

୧୮. <u>**ଉପାଦାନ ତିନି : ଓଡ଼ିଶାରେ ଆଇ.ସି.ଜେଡ୍.ଏମ୍ ଆଭିମୁଖ୍ୟର ଚାଳନା**</u>

ଏହି ଉପାଦାନ ମଧ୍ୟରେ ଅନ୍ତର୍ଭୁକ୍ତ ହେବ (କ) ରାଜ୍ୟସ୍ତରୀୟ ପ୍ରତିଷ୍ଠାନ ଓ ସଂସ୍ଥାନ (ଏଜେନ୍ସି) ମାନଙ୍କର ସାମର୍ଥ୍ୟ ନିର୍ମାଣ ଯେଉଁଥିରେ ରହିଛି ପାରାଦ୍ୱୀପ - ଧାମରା ଏବଂ ଗୋପାଳପୁର - ଚିଲିକା ମଧ୍ୟରେ ପ୍ରସାରିତ କ୍ଷେତ୍ରରେ ଉପକୂଳ ଅବଧାରିତ ପ୍ରକୋଷ୍ଠ ପାଇଁ ସମନ୍ୱିତ ଉପକୂଳ ଇଲାକା ପରିଚାଳନା (ଆଇ.ସି.ଜେଡ଼.ଏମ୍) ଯୋଜନାର ପ୍ରସ୍ତୁତି ସହ ଆଞ୍ଚଳିକ କୋଷ (Coastal Sediment Cells) ଉପକୂଳୀୟ ଧାରାର ଅଧ୍ୟୟନ ଏବଂ (ଖ) ଅଗ୍ରିମ ବିନିଯୋଗ (Pilot Investment)

## ୧୯. ପାରାଦ୍ୱୀପ-ଧାମରା ଓ ଗୋପାଳପୁର-ଚିଲିକା ପାଇଁ ଆଇ.ସି.ଜେଡ୍.ଏମ୍ ଯୋଜନା :

ଏହି ଯୋଜନାର ପରିସର ଓ ପରିପ୍ରୟୋଗ ପ୍ରଣାଳୀ, ଉପାଦାନ -୨ରେ ବର୍ଣ୍ଣିତ ଧାରା ଅନୁଯାୟୀ ସମାନ ରହିବ ; କେବଳ ପ୍ରାର୍ଥକ୍ୟ ହେଉଛି ; ଉପକୂଳ ଭୂ-ତାତ୍ତ୍ୱିକ ବିସ୍ତାର କ୍ଷେତ୍ର ଅନୁସାରେ ଦୁଇଟି ଯୋଜନା ପ୍ରସ୍ତୁତ ହେବ, ଯେପରିକି ଗୋଟିଏ ଉପକୂଳ ଅବଧାରିତ ପ୍ରକୋଷ୍ଠ / ଶାଖା ପ୍ରକୋଷ୍ଠ ମଧ୍ୟରେ ଅଭିଲକ୍ଷିତ ଦୁଇଟି ପ୍ରକଳ୍ପ କ୍ଷେତ୍ର ଯେପରି ସ୍ଥାନ ନ ପାଏ ।

## ୨୦. ଓଡ଼ିଶା ରାଜ୍ୟ ଆଇ.ସି.ଜେଡ଼.ଏମ୍ ସାମର୍ଥ୍ୟ ନିର୍ମାଣ :

ଏହି ଉପ - ନିର୍ମାଣକ ଉପାଦାନ (Sub-component) ଜଙ୍ଗଲ ଓ ପରିବେଶ ବିଭାଗ (ଯାହା ଓଡ଼ିଶା ପାଇଁ ଉପକୂଳ ଇଲାକା ପରିଚାଳନା ପ୍ରକଳ୍ପର ସଚିବାଳୟ) ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ପରିଷଦ (ଉପକୂଳ ଅଞ୍ଚଳରେ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ନିୟାମକ ଓ ଲଗାଣକ (Monitoring & enforcing) ଏବଂ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ (ଜୀବ ପ୍ରଜାତି ଓ ଆର୍ଦ୍ରଭୂମି ଗବେଷଣା ପାଇଁ) ଙ୍କର ସାମର୍ଥ୍ୟ ନିର୍ମାଣରେ ସହାୟକ ଓଡ଼ିଶାର ମଧ୍ୟମ ଧରଣର ସମନ୍ୱିତ ଉପକୂଳ ଇଲାକା ପରିଚାଳନା (ଆଇ.ସି.ଜେଡ଼.ଏମ୍ ) ଗତ ସାମର୍ଥ୍ୟ ନିର୍ମାଣକୁ ପରିପୂରଣ କରିବା ନିମନ୍ତେ ପରିକଳ୍ପିତ ହୋଇଛି ।

୨୧. ଓଡ଼ିଶାରେ ଅଗ୍ରିମ ପୁଞ୍ଜି ବିନିଯୋଗ (Priority Investments) ମୁଖ୍ୟତଃ ଦୁଇଟି ବିସ୍ତୃତିକୁ କେନ୍ଦ୍ରୀଭୂତ କରିଛି । (କ) ଗୋପାଳପୁର - ଚିଲିକା (ଖ) ପାରାଦ୍ୱୀପ - ଧାମରା ଏବଂ ଏଥିରେ ନିମ୍ନଲିଖିତ ପ୍ରସଙ୍ଗଗୁଡ଼ିକ ଅନ୍ତର୍ଭୁକ୍ତ ହେବ :

କ) **ଉପକୂଳ ସମ୍ବଳର ସଂରକ୍ଷଣ ଓ ସୁରକ୍ଷା :** (୧) ଜଙ୍ଗଲ ଓ ପରିବେଶ ବିଭାଗ ଅଧୀନସ୍ଥ ବନ୍ୟଜନ୍ତୁ ବିଭାଗ ଦ୍ୱାରା ଅଲିଭ୍ ରିଡ୍‌ଲେ କଇଁଛ ଓ ଅନ୍ୟାନ୍ୟ ସାମୁଦ୍ରିକ ବିପଦ ସଙ୍କୁଳ ପ୍ରଜାତିଙ୍କ ସୁରକ୍ଷା (୨) ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଝୁଆରିଆ ଲୁଣା ଜଙ୍ଗଲର ଚାରା ରୋପଣ (୩) ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦ୍ୱାରା ଆର୍ଦ୍ରଭୂମି ଗବେଷଣା ଓ ପ୍ରଜାତି ଗବେଷଣା କାର୍ଯ୍ୟକ୍ରମର ସୁଦୃଢ଼ୀକରଣ (୪) ସଂସ୍କୃତି ବିଭାଗ ପକ୍ଷରୁ ପ୍ରତ୍ନତାତ୍ତ୍ୱିକ ଐତିହ୍ୟ ପୂର୍ଣ୍ଣ ସ୍ଥଳୀର ସୁରକ୍ଷା ଯାହା ପ୍ରାକୃତିକ ବିପର୍ଯ୍ୟୟ କାଳରେ ବାତ୍ୟା ଆଶ୍ରୟସ୍ଥଳୀ ପାଲଟି ଥାଏ (୫) ଜଳ ସମ୍ପଦ ବିଭାଗ ପକ୍ଷରୁ ଗ୍ରାମ ପେଣ୍ଠ ପାଇଁ ତଟଭୂମିର ସୁରକ୍ଷା ଭଳି ପରୀକ୍ଷାମୂଳକ କାର୍ଯ୍ୟ । (୬) ବିପର୍ଯ୍ୟୟ ପ୍ରଶମ କର୍ତ୍ତୃପକ୍ଷଙ୍କ ପକ୍ଷରୁ ବିପଦ ସଙ୍କୁଳ ଅବିଶିଷ୍ଟ ୧୪ଟି ଗ୍ରାମରେ ନିର୍ମିତ ହୋଇନଥିବା ଗ୍ରାମରେ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ।

ଖ) **ପରିବେଶ ଓ ପ୍ରଦୂଷଣ ପରିଚାଳନା :** (୧.) ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ପାରାଦ୍ୱୀପ ଭଳି ଉପକୂଳ ସହରର ପାରିବେଶିକ ପରିମଳ (ମଳ ଓ ବର୍ଜ୍ୟ ପରିଚାଳନା) ବିଶୋଧନ କାର୍ଯ୍ୟକ୍ରମ (୨) ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ପକ୍ଷରୁ ପାରାଦ୍ୱୀପ ଠାରେ ଉପକୂଳ ନିୟାମକ (ମନିଟରିଂ) ଗବେଷଣାଗାର ପ୍ରତିଷ୍ଠା ।

ଗ) ଉପକୂଳସ୍ଥ ଜନଗୋଷ୍ଠୀର ଜୀବିକାର ସୁରକ୍ଷା : (୧) ଚିଲିକା ହ୍ରଦ ପରିପାର୍ଶ୍ୱସ୍ଥ ଏବଂ ଗହୀର ମଥା - ଭିତର କନିକା, ବଣ୍ୟପ୍ରାଣୀ ଅଭୟାରଣ୍ୟ ପରିସୀମାସ୍ଥ ୬୦ଟି ମତ୍ସ୍ୟଜୀବି ଗ୍ରାମରେ ମତ୍ସ୍ୟ ଓ ପଶୁପାଳନ ବିଭାଗ ପକ୍ଷରୁ ମତ୍ସ୍ୟ ଓ କୃଷି ଆନୁସଙ୍ଗିକ କାର୍ଯ୍ୟକ୍ରମର ବିକାଶ ଘଟାଇ ଜୀବିକା ବିକାଶ ସହାୟତା ଯୋଗାଣ । (୨) କ୍ଷୁଦ୍ରପରିସର ପର୍ଯ୍ୟଟନ କାର୍ଯ୍ୟଧାରାଗୁଡ଼ିକର ପର୍ଯ୍ୟଟନ ବିଭାଗ ପକ୍ଷରୁ ବିକାଶ ଘଟାଇ ମତ୍ସ୍ୟଜୀବି ସଂପ୍ରଦାୟର ଲୋକଙ୍କୁ ସହାୟତା ପ୍ରଦାନ (୩) ନଡ଼ିଆ କତାରୁ ପ୍ରସ୍ତୁତ ଉପକରଣ ନିର୍ମାଣ ଭଳି କ୍ଷୁଦ୍ରପରିସର କୁଟୀର ଶିଳ୍ପର ବିକାଶ ଶିଳ୍ପ ବିଭାଗ ପକ୍ଷରୁ କରାଯାଇ କ୍ଷୁଦ୍ର ଶିଳ୍ପ ଉତ୍ପାଦନ ଓ ଏହାର ବାଣିଜ୍ୟ କାରବାରରେ ମତ୍ସ୍ୟଜୀବି ସଂପ୍ରଦାୟଙ୍କୁ ସଂପୃକ୍ତ କରିବା ଓ ସହାୟତା ଦେବା (୪) ବନ୍ୟାପ୍ରାଣୀ ବିଭାଗ (ଜଙ୍ଗଲ ଓ ପରିବେଶ ବିଭାଗ) ପକ୍ଷରୁ ନିଷିଦ୍ଧାଞ୍ଚଳରେ ବସବାସ କରୁଥିବା ଜନଗୋଷ୍ଠୀଙ୍କ ଜୀବିକା ସୁରକ୍ଷା ପାଇଁ ପରିବେଶ - ଅନୁକୂଳ ପର୍ଯ୍ୟଟନର ବିକାଶ ସାଧନ ।

୨୨. ପରୀକ୍ଷାମୂଳକ ଭାବେ ଏହି ପ୍ରକଳ୍ପ ଅଗ୍ରିମ ଭିତ୍ତିରେ କାର୍ଯ୍ୟକାରୀ ହେଉଥିବା ଅନ୍ୟ ଦୁଇଟି ପ୍ରଦେଶ ଗୁଜୁରାଟ ଓ ପଶ୍ଚିମବଙ୍ଗ ସହିତ ସାମ୍ୟ ରକ୍ଷା କରି ଆଗୁଆ ପୁଞ୍ଜି ବିନିଯୋଗ ତଥା ସାମର୍ଥ୍ୟ ନିର୍ମାଣ ସହାୟତା ପ୍ରଦାନ ଭଳି ପରସ୍ପର ଅନୁପୂରକ କାର୍ଯ୍ୟକ୍ରମର ପରିପ୍ରୟୋଗ ଦ୍ୱାରା ସାଧାରଣ ଉଦ୍ଦେଶ୍ୟମାନ ସମାହିତ ହେବ । ସମନ୍ୱିତ ଉପକୂଳ ଇଲାକା ପରିଚାଳନା ଯୋଜନା ଆଇ.ସି.ଜେଡ଼.ଏମ୍. ସହିତ ଏକତ୍ର ହୋଇ ସେମାନେ ନିର୍ଦ୍ଦିଷ୍ଟ ଭାବେ ଦୁଇଟି ଉପକୂଳ ଅବସ୍ଥିତିରେ ଏବଂ ସାମଗ୍ରିକ ଭାବେ ରାଜ୍ୟର ସମୁଦାୟ ଉପକୂଳ ଓ ସାମୁଦ୍ରିକ ଅଞ୍ଚଳରେ ବୃହତ୍ତର ଉପକୂଳ ଇଲାକା ପରିଚାଳନା ପ୍ରସଙ୍ଗମାନଙ୍କୁ ନିର୍ବାହ କରିବେ ।

୨୩. **ପ୍ରକଳ୍ପ ପରିଚାଳନା :** ରାଜ୍ୟ ସ୍ତରୀୟ ପ୍ରକଳ୍ପ ପରିଚାଳନା କ୍ଷେତ୍ର (ୟୁନିଟ୍) ରୂପେ ବା SPMU ର କର୍ମଚାରୀ ନିଯୁକ୍ତି ଓ ସଂଚାଳନକୁ ଏହା ନିର୍ବାହ କରିବ, ପର୍ଯ୍ୟାପ୍ତ ଭାବେ ଅର୍ଥ ପରିଚାଳନା ଏବଂ ଆୟ ଉପାର୍ଜନ ଆଗମନ ପଦ୍ଧତିର (Procurement Management System) ପ୍ରତିଷ୍ଠା : ଗଣ ଯୋଗାଯୋଗ ଯୋଜନାର ପରିପ୍ରୟୋଗ ସହ ତଥ୍ୟ ପ୍ରାପ୍ତି ଅଧିକାର (ଆର୍.ଟି.ଆଇ) ସମ୍ପର୍କିତ କାର୍ଯ୍ୟକ୍ରମ ଦେଖିବ, ପ୍ରଶାସନ ଓ ଉତ୍ତର ଦାୟିତ୍ୱ କାର୍ଯ୍ୟଧାରାର ପରିପ୍ରୟୋଗ, ଯାହା ସହିତ ରହିବ ଅଭିଯୋଗ ନିବନ୍ଧନ ଓ ନିରାକରଣ

ପଦ୍ଧତିର କାର୍ଯ୍ୟକାରୀତା, ନିୟମନ ଓ ଲଗାଣନ, (M&E) ଗୁଣାତ୍ମକ ପ୍ରତିବନ୍ଧ ପରାମର୍ଶ ଏବଂ ତୃତୀୟ ପକ୍ଷର ହିସାବ ଯାଞ୍ଚ, ଯାହା ମଧ୍ୟରେ ଅନ୍ତର୍ଭୁକ୍ତ ହେବ ସାମାଜିକ ତଦାରଖ (Social Audit) ପରିବ୍ୟାପ୍ତ ଓ ବହୁବିଧ ପ୍ରାଦେଶିକ ସଂସ୍ଥାନ ତଥା ଅନ୍ୟାନ୍ୟ ଅଂଶୀଦାରମାନଙ୍କ ସହ ସମନ୍ୱୟ ବୈଠକର ଆୟୋଜନ ଏବଂ ସ୍ୱତନ୍ତ୍ର ମୂଲ୍ୟାୟନ ଅନୁଧ୍ୟାନ ତଥା ନିର୍ଦ୍ଦିଷ୍ଟ ନିର୍ଦ୍ଧାରିତ ବିଶେଷଜ୍ଞ ଜ୍ଞାନକୌଶଳ ଆହରଣ । ଏକ ସ୍ୱୟଂଶାସିତ ସମିତି ରୂପେ ପ୍ରତିଷ୍ଠା ହୋଇଥିବା ଏସ୍.ପି.ଏମ୍.ୟୁ. (SPMU) ଠାରୁ ଆଶା କରାଯାଇଛି ଯେ, ପ୍ରକଳ୍ପ ପରିପ୍ରୟୋଗ ଅବଧି ମଧ୍ୟରେ ଏହା ପରିବେଶ ଓ ଜଙ୍ଗଲ ବିଭାଗର ଉପକୂଳ ଇଲାକା ପରିଚାଳନା ଉପଖଣ୍ଡରେ ରୂପାନ୍ତରୀତ ହୋଇଯିବ, ଯାହା ହେଉଛି ପ୍ରାଦେଶିକ ଆଇ.ସି.ଜେଡ୍.ଏମ୍. ସାମର୍ଥ୍ୟ ନିର୍ମାଣ ପରିକଳ୍ପନା । ଆର୍ଥିକ ପରିଚାଳନା ଓ ଆୟ ଉପାର୍ଜନ ପଦ୍ଧତି ତଥା ନିୟମାନ ଓ ଲଗାଣନ (M&E) ପଦ୍ଧତି ଭଳି ପ୍ରକଳ୍ପ ପରିଚାଳନା ନିମନ୍ତେ ନିର୍ଦ୍ଧାରିତ ଅନେକଗୁଡ଼ିଏ ବ୍ୟବସ୍ଥା ମଧ୍ୟମ ଧରଣର ସାମର୍ଥ୍ୟ ନିର୍ମାଣ ଯୋଜନାର ଅଙ୍ଗ ବିଶେଷ ପାଲଟିଯିବ ।

## ୧୪. ପ୍ରକଳ୍ପ ପରିଚାଳନା :

ଏହି ଉପ ଉପାଦାନ ରାଜ୍ୟ ଯୋଜନା ପରିଚାଳନା ସଂସ୍ଥାକୁ କର୍ମଚାରୀ ଏବଂ କାର୍ଯ୍ୟକାରିତା ପାଇଁ ସହାୟତା ଯୋଗାଇବ, ଯଥେଷ୍ଟ ପରିମାଣର ଆର୍ଥିକ ପରିଚାଳନା ଏବଂ ସଂଗ୍ରହ ପରିଚାଳନା ପ୍ରଣାଳୀକୁ ଅବସ୍ଥାପିତ କରାଇବ, ଯୋଗାଯୋଗ ଖସଡା ଏବଂ ଜାଣିବା ଅଧିକାର ଓ ତତ୍ ସମ୍ବନ୍ଧୀୟ କାର୍ଯ୍ୟାବଳୀ ସମ୍ପାଦନା କରିବା, ତତ୍ତ୍ୱାବଧାନ ଓ ଉତ୍ତର ଦାୟିତ୍ୱ ସମ୍ପାଦନ କରିବା, ସହିତ ଅଭିଯୋଗ ପଞ୍ଜିକରଣ ଓ ତାର ସମାଧାନ ସମ୍ପାଦନ କରିବା, ତଦାରଖ ଓ ମୂଲ୍ୟ ନିରୂପଣ ମାନନିଶ୍ଚିତ ପରାମର୍ଶ ଏବଂ ତୃତୀୟ ପକ୍ଷ ସମୀକ୍ଷା ସହିତ ସାମାଜିକ ସମୀକ୍ଷା, ରାଜ୍ୟର ଅନ୍ୟାନ୍ୟ ସଂସ୍ଥା ଏବଂ ସାଧାରଣ ଉପଭୋକ୍ତା ମାନଙ୍କର ନିୟୋଜନ ସହିତ ସହଯୋଗ ସଭା ଏବଂ ସ୍ୱତନ୍ତ୍ର ମୂଲ୍ୟାଙ୍କ ଅଧ୍ୟୟନ ଓ ସ୍ୱତନ୍ତ୍ର ବିଶେଷଜ୍ଞ ନିୟୋଜନ କରିବା । ଏହା ଆଶା କରାଯାଏ ଯେ, ରାଜ୍ୟ ଯୋଜନା ପରିଚାଳନା ସଂସ୍ଥା ଯାହାକି ପରିବେଶ ଅଧ୍ୟୟନ ସଂସ୍ଥା ଏବଂ ଜଳାଭୂମି ପରିଚାଳନା ଦ୍ୱାରା ଅବସ୍ଥାପିତ । ତାହା ଯୋଜନା ପରିଚାଳନା ସମୟରେ ଉପକୂଳ ଇଲାକା ପରିଚାଳନା ବିଭାଗ (ପରିବେଶ ବିଭାଗ) ରାଜ୍ୟ ସମନ୍ୱିତ ଉପକୂଳ ଇଲାକା ପରିଚାଳନାର ଦକ୍ଷତା ବୃଦ୍ଧି ଯୋଜନା ପରିସର ଭୁକ୍ତ । ମଧ୍ୟବର୍ତ୍ତୀ କାଳିନ ଦକ୍ଷତା ବୃଦ୍ଧି ଯୋଜନା ପରିଚାଳନା ଅବସ୍ଥାପିତ କରିବା, ଯଥା - ଆର୍ଥିକ ପରିଚାଳନା ଏବଂ ସଂଗ୍ରହ ପଦ୍ଧତି ।

## ୧.୩ ପରିବେଶ ଓ ସାମାଜିକ ଅନୁଶୀଳନ ଧାରା

**୨୫. ପରିବେଶ ଓ ସାମାଜିକ ଅନୁଶୀଳନର ଅନୁପୂରକ ଆନୁଷଙ୍ଗିକ ଅଧ୍ୟୟନ :**

ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ପକ୍ଷରୁ ନିମ୍ନସୂଚିତ କେତେଗୁଡ଼ିଏ ଯଥାଯଥ ପ୍ରାସଙ୍ଗିକ ଅଧ୍ୟୟନ ଅନୁସୃତ ହୋଇଥିଲା ଯାହାର ଫଳାଫଳ ପରିବେଶ ଓ ସାମାଜିକ ଅନୁଶୀଳନ ପ୍ରକ୍ରିୟା ସହିତ ଅଧିକନ୍ତୁ ପ୍ରକଳ୍ପ ପରିକଳ୍ପନାକୁ ପ୍ରଭାବିତ କରିଛି । (କ) ପାରିପାର୍ଶ୍ୱିକ ଓ ପରିବେଶଗତ ସ୍ପର୍ଶକାତର ଅଞ୍ଚଳଗୁଡ଼ିକର ନିରୂପଣ ଓ ନକ୍ସା ପ୍ରସ୍ତୁତିର ପ୍ରଣାଳୀ ନିର୍ଦ୍ଧାରଣ ସମ୍ପର୍କିତ ଅଧ୍ୟୟନ । ପ୍ରସ୍ତାବିତ ଉପକୂଳ ପରିଚାଳନା ଇଲାକାରେ ସ୍ପର୍ଶକାତର ସ୍ଥାନଗୁଡ଼ିକୁ ଚିହ୍ନିତ କରି ମାନଚିତ୍ର ପ୍ରସ୍ତୁତ କରିବା ଦିଗରେ ଦେଶରେ କାର୍ଯ୍ୟରତ ତତ୍‌ସମ୍ପର୍କିତ ଅନୁଷ୍ଠାନଗୁଡ଼ିକର ସାମର୍ଥ୍ୟକୁ ମଧ୍ୟ ଏହି ଅଧ୍ୟୟନ ନିରୂପିତ କରିଛି । (ଖ) ଭାରତରେ ବିଗତ ୧୦ବର୍ଷ ମଧ୍ୟରେ ଉପକୂଳ ପରିବେଶର ସଂରକ୍ଷଣ ପାଇଁ ହୋଇଥିବା ବିବିଧ ପ୍ରକଳ୍ପ ଓ ପୁଞ୍ଜି ନିବେଶର ମୂଲ୍ୟାୟନ ଓ ପରୀକ୍ଷଣ ପାଇଁ ପରିଚାଳନାଗତ କ୍ରିୟାଶୀଳ ଅଧ୍ୟୟନ । ବର୍ତ୍ତମାନ କାର୍ଯ୍ୟକାରୀ ହେବାକୁ ଯାଉଥିବା ପରୀକ୍ଷାମୂଳକ ପ୍ରକଳ୍ପର ରୂପରେଖକୁ ଅଧିକ ସମୃଦ୍ଧ ଓ ସୁସଂଗତ କରିବାରେ ପୂର୍ବ ପ୍ରକଳ୍ପ ତଥା ପୁଞ୍ଜି ନିବେଶରୁ ଅର୍ଜିତ ଅଭିଜ୍ଞତାମାନଙ୍କର ନିର୍ଯ୍ୟାସ ସାରାଂଶକୁ ଏହି ଅଧ୍ୟୟନ ଦର୍ଶାଇଥିଲା । (ଗ) ଯୋଗାଯୋଗ ବିନିମୟ ଆବଶ୍ୟକତାର ଅନୁଶୀଳନ ଏବଂ ପ୍ରକଳ୍ପ ପାଇଁ ଏକ ଯୋଗାଯୋଗ ଜ୍ଞାନକୌଶଳର ବିକାଶ, (ଘ) ବିପଦସଂକୁଳ (ସଂକଟ) ରେଖାଗୁଡ଼ିକର ସୀମା ନିର୍ଦ୍ଧାରଣ ଓ ନକ୍ସା ପ୍ରସ୍ତୁତ ପାଇଁ ପ୍ରଣାଳୀ ଓ ସାଧନ ଯନ୍ତ୍ରପାତିମାନଙ୍କର ଉଲ୍ଲେଖକାରୀ ଏକ ବିବରଣୀ ।

୨୬. ଏସବୁ ସହିତ ଅଧିକନ୍ତୁ ଗୁଜୁରାଟ, ଓଡ଼ିଶା ଓ ପଶ୍ଚିମବଙ୍ଗ ରାଜ୍ୟମାନେ ନିମ୍ନସୂଚିତ ଅଧ୍ୟୟନ ଓ ବିବରଣୀମାନ ପ୍ରସ୍ତୁତ କରିଛନ୍ତି : (କ) ପ୍ରାଦେଶିକ ରିପୋର୍ଟ ବର୍ଣ୍ଣନା କରିଛନ୍ତି ଉପକୂଳ ଇଲାକା ପରିଚାଳନାର ସ୍ଥିତାବସ୍ଥା, ପଦକ୍ଷେପ ଗ୍ରହଣର ଆବଶ୍ୟକତା, ପରିପ୍ରୟୋଗର ବ୍ୟବସ୍ଥା ଇତ୍ୟାଦି; (ଖ) ନିର୍ବାଚିତ ଉପକୂଳ ଶଯ୍ୟା ବିସ୍ତୃତିଗୁଡ଼ିକ ପାଇଁ ସମନ୍ୱିତ ଉପକୂଳ ଇଲାକା ପରିଚାଳନା ଯୋଜନା (ଆଇ.ସି.ଜେଡ୍.ଏମ୍. ଯୋଜନାମାନ) ପ୍ରସ୍ତୁତି ନିମନ୍ତେ ଅବଗତି ଆନୟନର ଚିଠା ପ୍ରକାଶ, (ଗ) ପ୍ରତ୍ୟେକ ଅଗ୍ରିମ ପୁଞ୍ଜିଲଗାଣ ପାଇଁ ସବିଶେଷ ପ୍ରକଳ୍ପ ବିବରଣୀ । ପ୍ରତିଟି ବିବରଣୀରେ ପରିବେଶ ଓ ସାମାଜିକ ଅନୁଶୀଳନ ଉପରେ ଭିନ୍ନ ଭିନ୍ନ ବିଭାଗ ରହିଛି । (ଘ) ଉପକୂଳର ପାରିପାର୍ଶ୍ୱିକ ଓ ପାରିବେଶିକ ମହତ୍ୱ ଉପରେ ପ୍ରତିଟି ପ୍ରଦେଶ ପକ୍ଷରୁ ଅଧ୍ୟୟନ ଓ ଅନୁଧ୍ୟାନ କାର୍ଯ୍ୟକ୍ରମ ଗୃହୀତ ହେଉଛି (ଓଡ଼ିଶା ଓ ପଶ୍ଚିମବଙ୍ଗରେ ଲୁଣା ଜୁଆରିଆ ଜଙ୍ଗଲ, ଗୁଜୁରାଟରେ ପ୍ରବାଳ ଶିଳାଖଣ୍ଡ) ଯାହା ପୂର୍ବରୁ ଉପଲବ୍‌ଧି ମୂଲ୍ୟାୟନ ଅଧ୍ୟୟନ ଦସ୍ତାବିଜ୍‌ଗୁଡ଼ିକର ଅନୁରୂପକ ସଂଯୋଜକ ହେବ ।

୨୭. ନିରୁତା ପରିବେଶ (Stand-alone Environment) ଓ ସାମାଜିକ ଅନୁଶୀଳନ (ଥିରୁବନ୍ତପୁରମ୍‌ସ୍ଥିତ ପରିବେଶ ବିକାଶ କେନ୍ଦ୍ର ଦ୍ୱାରା): ପ୍ରକଳ୍ପ ପାଇଁ ଗୃହୀତ ପରିବେଶ ଓ ସାମାଜିକ ଅନୁଶୀଳନ ଧାରା ଏକ ସାମଗ୍ରିକ ଓ ସ୍ୱୟଂସମ୍ପୂର୍ଣ୍ଣ ଆଭିମୁଖ୍ୟ ନେଇଛି, କ୍ଷୁଦ୍ର ଓ ବୃହତ୍ ପରିବ୍ୟାପ୍ତସ୍ତରରେ ପରିବେଶ ଓ ସାମାଜିକ ପ୍ରସଙ୍ଗମାନଙ୍କୁ ଅନୁଶୀଳନ କରିଛି, ଏଥିସହ ସଂପୃକ୍ତ ଆପଦବିପଦକୁ ଆଖିଦୃଶିଆ ପ୍ରଭାବମାନଙ୍କୁ ଆକଳନ ଓ ଚିହ୍ନଟ କରିଛି ଏବଂ ଏସବୁର ପରିଚାଳନା ପାଇଁ ବିହିତ ପଦକ୍ଷେପମାନ ପ୍ରସ୍ତାବିତ କରିଛି । ବର୍ତ୍ତମାନ ଆଂଶିକଭାବେ କାର୍ଯ୍ୟକାରୀ ହେଉଥିବା ବିଧିବିଧାନର ରାଜତ୍ୱରୁ ମୁକୁଳି ସମନ୍ୱିତ ଉପକୂଳ ଇଲାକା ପରିଚାଳନ ଆଭିମୁଖ୍ୟକୁ ଗ୍ରହଣ କରିବାକୁ ଭାରତ ସରକାରଙ୍କ ପ୍ରସ୍ତାବିତ (୨୦୦୫ ର ରାଷ୍ଟ୍ରୀୟ ପରିବେଶ ନୀତି ଅନୁଯାୟୀ) କାର୍ଯ୍ୟକ୍ରମ ଭଳି ଅଧିକ ପରିବ୍ୟାପ୍ତ ପଦକ୍ଷେପ ଗ୍ରହଣ କରାଯାଇଛି । ଯଦିଓ ସ୍ୱୟଂ ଏହି ପ୍ରକଳ୍ପ କୌଣସି ନୀତି କିମ୍ବା ବିଧିବିଧାନରେ ପରିବର୍ତ୍ତନ ଆଣିନାହିଁ, କିନ୍ତୁ ପରିବର୍ତ୍ତିତ କୌଣସି ନୀତି ଓ ବିଧିବିଧାନର ପରିପ୍ରୟୋଗକୁ ଏହା ସମର୍ଥନ କରିବ । ସେଥିପାଇଁ, ବୃହତ୍ତର ଓ ପରିବ୍ୟାପ୍ତସ୍ତରରେ ଏକ ନିୟନ୍ତ୍ରିତ ପ୍ରଭାବ ଅନୁଶୀଳନକୁ ଏହା ଅନୁସୃତ କରାଇଛି । ଅନୁଶୀଳନ ଅତି ସ୍ପଷ୍ଟଭାବେ ପରିପ୍ରୟୋଗର ଅଞ୍ଚଳମାନ (ପରିଚାଳନା ପଦ୍ଧତି ଓ ପ୍ରସଙ୍ଗ) ନିରୂପିତ କରିଛି ଯେଉଁଗୁଡ଼ିକ ପ୍ରକଳ୍ପର ପରିପ୍ରୟୋଗ ଦ୍ୱାରା ଶକ୍ତିଶାଳୀ ହେବ, ବିଧିବିଧାନରେ ପରିବର୍ତ୍ତନ ଦ୍ୱାରା ସୃଷ୍ଟି ହେଉଥିବା ସମ୍ଭାବ୍ୟ ଆପଦ ବିପଦ ଏବଂ ନୀତି ଓ ବିଧି ବିଧାନରେ ପରିବର୍ତ୍ତନ ଦ୍ୱାରା ଏହି ବିପଦ ଗୁଡ଼ିକ ପର୍ଯ୍ୟାପ୍ତ ଭାବେ ପ୍ରଶମିତ ଓ ପରିଚାଳିତ ହେବ ବୋଲି ଉଲ୍ଲେଖ ଅଛି । ମୁଖ୍ୟ ପ୍ରସଙ୍ଗଗୁଡ଼ିକ ନିମ୍ନମତେ ଦର୍ଶାଯାଇଛଇ - (କ) ଯଦି ଉପକୂଳ ଇଲାକାଗୁଡ଼ିକର ବିକ୍ରେନ୍ଦିତ ଯୋଜନା ଓ ପରିଚାଳନା ପଦ୍ଧତିକୁ ଗ୍ରହଣ କରାଯାଏ, ତେବେ ସଂପ୍ରତି ସୁରକ୍ଷିତ ରହିଥିବା ପରିବେଶଗତ ସ୍ପର୍ଶକାତର ଅଞ୍ଚଳଗୁଡ଼ିକ ଲୁଣ୍ଠନ ଆଡ଼କୁ ଅଧିକ ମୁହାଁଇବାର ଆଶଙ୍କା ହେଉଛି ମୁଖ୍ୟ ପ୍ରସଙ୍ଗ । ଯାହା ହେଉ, ନୀତି ଓ ବିଧିବିଧାନରେ ପ୍ରସ୍ତାବିତ ପରିବର୍ତ୍ତନ ପ୍ରଚଳିତ ସୁରକ୍ଷା ବ୍ୟବସ୍ଥାକୁ ନ୍ୟୁନ ନିସ୍ତେଜ ନକରି ବରଂ ଏହାକୁ ଶକ୍ତିଶାଳୀ କରାଉଛି : (ଖ) ପ୍ରକଳ୍ପ ପକ୍ଷରୁ ସମସ୍ତ ପାରିବେଶିକ ଓ ପାରିପାର୍ଶ୍ୱିକ ସ୍ପର୍ଶକାତର ଅଞ୍ଚଳଗୁଡ଼ିକ ଚିହ୍ନିତ ଓ ନକ୍ସାଙ୍କିତ କରିବା ପାଇଁ ନିର୍ଣ୍ଣିତ ହୋଇଥିବାରୁ (ଯାହା ମଧ୍ୟରୁ ଅନେକ ଏଯାଏ ସୁରକ୍ଷିତ ନୁହଁନ୍ତି) ଏବଂ ଏଗୁଡ଼ିକୁ ପରିବେଶ ମନ୍ତ୍ରଣାଳୟ ପକ୍ଷରୁ ସୁରକ୍ଷିତ ରଖିବାକୁ ଖଣ୍ଡ ଖଣ୍ଡ ହୋଇ କ୍ଷେତ୍ର ବିଭକ୍ତିକରଣ ହେଉଥିବାରୁ ଅଧିକ ଶକ୍ତିଶାଳୀ ସୁରକ୍ଷା ମିଳିବ (ଗ) ଆଉ ଏକ ସ୍ପଷ୍ଟ ରୂପେ ଅନୁମେୟ ପ୍ରସଙ୍ଗ ହେଉଛି ଉପକୂଳ ଅଞ୍ଚଳରେ ବସବାସ କରୁଥିବା ଦରିଦ୍ର, ଦୁର୍ବଳ ଶ୍ରେଣୀ ଜନସଂପ୍ରଦାୟ ଓ ଗୋଷ୍ଠୀ ସାମୁଦ୍ରିକ ସମ୍ପଦ ଉପରେ ନିର୍ଭରଶୀଳ ଥିବାରୁ ସେମାନଙ୍କ ଜୀବିକା ଉପରେ କିଛି ଆଞ୍ଚ ଆସିବାର ଆଶଙ୍କା ତଥା ସେମାନଙ୍କର ସମୁଦ୍ର ଅଭ୍ୟନ୍ତରକୁ ମାଛ ପ୍ରଭୃତି ଧରିବାକୁ ଯିବାରେ ଅନ୍ତରାୟ ସୃଷ୍ଟି ହେବ କି ? (ସେମାନଙ୍କର ସ୍ୱଚ୍ଛନ୍ଦ

କାରବାରରେ ବିସ୍ଥାପନ ଘଟିବା / ସଭ୍ୟ ସମ୍ଭ୍ରାନ୍ତଙ୍କ ଦ୍ୱାରା ସେମାନଙ୍କ ଅଞ୍ଚଳ ଅଧିକୃତ ହେବାର ଆଶଙ୍କା ରହିଛି କି ?) ଭାରତ ସରକାରଙ୍କ ନୀତି ଅନୁଯାୟୀ ଆଇ.ସି.ଜେଡ୍.ଏମ୍. ଯୋଜନାର ତିନୋଟି ମୁଖ୍ୟ ଉଦ୍ଦେଶ୍ୟ ମଧ୍ୟରୁ ଏକତମ ହେଉଛି ଉପକୂଳ ଜନସଂପ୍ରଦାୟଙ୍କୁ ଜୀବିକାର ନିଶ୍ଚିତତା ପ୍ରଦାନ, ସୁତରାଂ ସେପରି ଆଶଙ୍କା ଅମୂଳକ । ଓଡ଼ିଶାର ଗୋପାଳପୁର - ଚିଲିକା, ପାରାଦ୍ୱୀପ - ଧାମରା, ଗୁଜୁରାଟର କଚ୍ଛ ଉପସାଗୀୟ ଗଣ୍ଡ (ଗଲ୍‌ଫ) ଏବଂ ପଶ୍ଚିମବଙ୍ଗ ତଟ ଭୂମି ଭଳି ପରୀକ୍ଷାମୂଳକ ତିନୋଟି ଆଇ.ସି.ଜେଡ୍.ଏମ୍. ଯୋଜନାର ପ୍ରସ୍ତୁତିଟି ସହାୟତା ଦେଉଥିବା ଏହି ପ୍ରକଳ୍ପ (ଚିରସ୍ଥାୟୀ ପରିଚାଳନା ପ୍ରଣାଳୀ) ନିଧାର୍ଯ୍ୟ ଭାବେ କହିଥାଏ ଯେ ସମନ୍ୱିତ ଉପକୂଳ ଇଲାକା ପ୍ରକଳ୍ପଟି ସମ୍ପୂର୍ଣ୍ଣ ଭାଗୀଦାର ଭିତ୍ତିକ, ବିଶେଷ ଭାବେ ସାମୁଦ୍ରିକ ସମ୍ପଦ ଉପରେ ନିର୍ଭରଶୀଳ ଦରିଦ୍ର ନିରନ୍ତ ସଂପ୍ରଦାୟଙ୍କୁ ସହାୟତା ପ୍ରଦାନ ପାଇଁ ଉଦ୍ଦିଷ୍ଟ ଏବଂ ସେମାନଙ୍କୁ ଚିହ୍ନଟ କରାଯିବା ସହ ପ୍ରକଳ୍ପରେ ଅଂଶୀଦାର ରୂପେ ଗ୍ରହଣ କରାଯିବ । ସେମାନଙ୍କର ନ୍ୟାୟ ସଂଗତ ଅଂଶ ଏବଂ ସାମୁଦ୍ରିକ ତଥା ଉପକୂଳୀୟ ସମ୍ପଦ ଉପରେ ସେମାନଙ୍କର ପାରମ୍ପାରିକ ପ୍ରାପ୍ତି ଅଧିକାରକୁ ଯଥେଷ୍ଟ ଗୁରୁତ୍ୱ ଦିଆଯାଇ ଆଇ.ସି.ଜେଡ୍.ଏମ୍. ଯୋଜନା ଓ ନିଷ୍ପତ୍ତି ଗ୍ରହଣ ଧାରାରେ ସଂଯୋଜିତ କରାଯାଇଛି । ସୂକ୍ଷ୍ମ ସ୍ତରରେ ପ୍ରକଳ୍ପର ରୂପରେଖ ଏବଂ ପରିବେଶ ଓ ସାମାଜିକ ଅନୁଶୀଳନ ଆକଳନ କରିଛି ଯେ, ଯେଉଁ ଯେଉଁଠି ପ୍ରକଳ୍ପର ରୂପରେଖ ଏବଂ ପରିବେଶ ଓ ସାମାଜିକ ଅନୁଶୀଳନ ଆକଳନ କରିଛି ଯେ, ଯେଉଁଠି ପ୍ରକଳ୍ପର ପ୍ରତିକୂଳ ପ୍ରଭାବ ସ୍ଥାନୀୟ ସ୍ତରରେ ଓ ପ୍ରୟୋଗ ସ୍ଥଳୀରେ ପଡ଼ିବ ସେଠାରେ ଏହାକୁ ଏଡ଼େଇ ଯିବାକୁ, ହ୍ରାସ କରିବାକୁ ତଥା ଏସବୁର କାରବାର କ୍ଷେତ୍ରରେ ଯଥାଯଥ ବିହିତ ପଦକ୍ଷେପ ନେବାକୁ ପ୍ରସ୍ତାବ ଦେଇଛି ।

୨୮. ଏକ ସବିଶେଷ ସର୍ବେକ୍ଷଣ (ପ୍ରାଥମିକ ଓ ମାଧମିକ) ଉପରେ ପରିବେଶ ଓ ସାମାଜିକ ଅନୁଶୀଳନର ଭିତ୍ତି ପ୍ରତିଷ୍ଠ ହୋଇଛି ଏବଂ ଭାରତରେ ଅନୁଷ୍ଠିତ ହୋଇଥିବା ଉପକୂଳ ଇଲାକା ପରିଚାଳନା ସମ୍ପର୍କିତ ଅଧ୍ୟୟନକୁ ଆଧାର କରି ବିଭିନ୍ନ ଅନୁଷ୍ଠାନରୁ ପ୍ରାପ୍ତ ଅଧ୍ୟୟନ ବିବରଣୀମାନଙ୍କର ସମୀକ୍ଷା ମଧ୍ୟ ମାର୍ଗ ଦର୍ଶକ ହୋଇଛି । ପ୍ରକଳ୍ପ ତରଫରୁ ପୁଞ୍ଜି ନିୟୋଜିତ ହେବାକୁ ଥିବା ଅଗ୍ରିମ ଅର୍ଥ ବିନିଯୋଗର ସବିଶେଷ ପ୍ରକଳ୍ପ ବିବରଣୀ (ଡ଼ି.ପି.ଆର୍) ; ପ୍ରାଦେଶିକ ପ୍ରକଳ୍ପ ରିପୋର୍ଟରେ ରାଜ୍ୟ ସ୍ତରୀୟ ଉପକୂଳ ପ୍ରସଙ୍ଗ ଏବଂ ଉନ୍ନୟନ ସନ୍ଦର୍ଭରେ ଏହାର ପ୍ରାସଙ୍ଗିକତା ଉପରେ ରୂପରେଖ ପ୍ରଦାନ ; ଅଂଶଗ୍ରହଣକାରୀ ରାଜ୍ୟମାନଙ୍କୁ ଅଗ୍ରିମ ପୁଞ୍ଜି ନିୟୋଗର (Priority Investments) ସ୍ଥଳୀମାନଙ୍କୁ କ୍ଷେତ୍ର ପରିଦର୍ଶନରେ ଯିବା, ଅଧିକନ୍ତୁ ମୁଖ୍ୟ ଓ ଗୁରୁତ୍ୱପୂର୍ଣ୍ଣ ଭାଗୀଦାରମାନଙ୍କ ସହ ପରାମର୍ଶ ଆଲୋଚନା ହୋଇ ସାରିଛି ଯାହା ମଧ୍ୟରେ ଅନ୍ତର୍ଭୁକ୍ତ ଅଛନ୍ତି ପ୍ରାଦେଶିକ ଉପକୂଳ ଇଲାକା ପରିଚାଳନା ପ୍ରକଳ୍ପ କର୍ତ୍ତୃପକ୍ଷଙ୍କ ବରିଷ୍ଠ ପ୍ରଶାସକ ତଥା ଅନ୍ୟାନ୍ୟ ପ୍ରାସଙ୍ଗିକ ବିଭାଗ ଓ ସମତାଲ ସଂସ୍ଥାମାନଙ୍କ

ବାହାରେ ବିଶେଷଜ୍ଞଗଣ ତଥା ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟର କର୍ମକର୍ତ୍ତାଗଣ । ଏହା ବାହାରେ ଆଇ.ସି.ଜେଡ୍.ଏମ୍. ପ୍ରକଳ୍ପର ମୁଖ୍ୟ ହିତାଧିକାରୀ ରୂପେ ସମୁଦ୍ର ଉପକୂଳରେ ବସବାସ କରୁଥିବା ଆଦିବାସୀ ଓ ଅନ୍ୟାନ୍ୟ ଅନଗ୍ରସର ସଂପ୍ରଦାୟର ବ୍ୟକ୍ତି, ପୁରୁଷାନୁକ୍ରମେ ଉପକୂଳରେ ରହି ଆସୁଥିବା ଜନ ଗୋଷ୍ଠୀ, ଦୁର୍ବଳତା ଶ୍ରେଣୀର ମଣିଷମାନଙ୍କୁ ବିଚାର କରି ସେମାନେ ଏହି ପ୍ରକଳ୍ପ ଦ୍ୱାରା କିପରି ଉପକୃତ ହେବେ ସେ ସମ୍ପର୍କରେ ପରିପଯୋଗ ଧାରାର ଅନୁଶୀଳନ ଭଳି ଆଲୋଚନାମାନ ଅନୁଷ୍ଠିତ ହୋଇସାରିଛି ।

## ୧.୪ ନୀତି, ବିଧିବିଧାନରେ ଖଞ୍ଜା ଖସଡ଼ା ଏବଂ ବଶମ୍ବଦତା

**ସାମ୍ବିଧାନିକ ବ୍ୟବସ୍ଥା :** ଭାରତବର୍ଷର ରହିଛି ତିନୋଟି ପର୍ଯ୍ୟାୟର ବା ତ୍ରିସ୍ତରୀୟ ପ୍ରଶାସନ, ଏକ ଶାସନାଧିନ ସହଯୋଗର ସଂଘୀୟ ବ୍ୟବସ୍ଥା । ପ୍ରଥମ ସ୍ତରଟି କେନ୍ଦ୍ର ସରକାର, ଦ୍ୱିତୀୟଟି ରାଜ୍ୟ ସରକାର ଏବଂ ତୃତୀୟଟି ହେଉଛି ଗ୍ରାମ ସ୍ତରୀୟ ଯାହାକୁ ଆମେ ପଞ୍ଚାୟତିରାଜ ଶାସନ ବ୍ୟବସ୍ଥା କହୁ । ଭାରତର ସମ୍ବିଧାନର ମୁଖ୍ୟ ବିଭାଗ ଗୁଡ଼ିକରେ ପ୍ରଦତ୍ତ ତାଲିକା ଘୋଷଣା କରୁଛି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମଧ୍ୟରେ ବିଭାଗୀୟ ଦାୟିତ୍ୱମାନଙ୍କର ପରିସୀମା । ଭାରତୀୟ ସମ୍ବିଧାନର ଏକାଦଶ ଭାଗ କହିଥାଏ କେନ୍ଦ୍ର ଓ ରାଜ୍ୟମାନଙ୍କ ମଧ୍ୟରେ ପ୍ରଶାସନିକ ଓ ବୈଧାନିକ ସମ୍ପର୍କର ପ୍ରସଙ୍ଗ । ସମ୍ବିଧାନର ୨୪୬ ଧାରା ସମସ୍ତ ବିଧିବିଧାନର ପ୍ରସଙ୍ଗମାନଙ୍କୁ ତିନୋଟି ତାଲିକାରେ ବିଭକ୍ତ କରିଥାଏ - କେନ୍ଦ୍ର / ପ୍ରାଦେଶିକ, ରାଜ୍ୟ ଓ ମିଳିତ ଶାସନ ଦାୟିତ୍ୱ । ଏହି ମିଳିତ ବା ମିଶ୍ରିତ ଦାୟିତ୍ୱରେ ଯେତେବେଳେ କେନ୍ଦ୍ରୀୟ ଆଇନର ପ୍ରାଦେଶିକ ଆଇନ ସହିତ ଦ୍ୱନ୍ଦ ଉପୁଜେ, ସେତେବେଳେ ପୂର୍ବ ଆଇନ ବା କେନ୍ଦ୍ର ଆଇନ ଗୁରୁତ୍ୱ ପାଇଥାଏ । ଭାରତରେ ପ୍ରଚଳିତ ପରିବେଶ ସମ୍ପର୍କିତ ନୀତି ଓ ବିଧିବିଧାନଗୁଡ଼ିକ ଉପକୂଳ ଇଲାକାମାନଙ୍କର ବିଭକ୍ତିକରଣ କରି ସେହି ପ୍ରୟୋଗ ଭିତ୍ତିରେ ଉପକୂଳ ଓ ସାମୁଦ୍ରିକ ପ୍ରସଙ୍ଗମାନଙ୍କର ସମାଧାନ ପାଇଁ ଉଦ୍ୟମ କରିଥାନ୍ତି, ଯେଉଁଥିରେ ପ୍ରମୁଖ ହେଉଛି ଶୂନ୍ୟାଞ୍ଚଳ ଅସଙ୍ଗତ ପ୍ରୟୋଗମାନଙ୍କୁ ଅଲଗା କରିବା ଏବଂ ଦୁର୍ବଳ ପରିବେଶ ଓ ପାରିପାର୍ଶ୍ୱିକ ପ୍ରକୃତିକୁ ସୁରକ୍ଷା ଦେବା । ଭାରତୀୟ ସମ୍ବିଧାନରେ ତଥା ଆନ୍ତର୍ଜାତିକ ଚୁକ୍ତିନାମାଗୁଡ଼ିକରେ ଯେଉଁଠି ଭାରତ ସ୍ୱାକ୍ଷର କରିଛି; ସେହି ସବୁଥିରେ ଲିପିବଦ୍ଧ ନୀତି ଓ ଧାରା ଉପଧାରା ଭିତ୍ତିରେ ସମୁଦ୍ର ଉପକୂଳର ବିକାଶ ପରିବେଶର ସୁପରିଚାଳନା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ନୀତି ଗୁଡ଼ିକ ସନ୍ନିହିତ । ଅଧିକନ୍ତୁ କ୍ଷେତ୍ରୀୟ ବିକାଶ ସାଧନ ପାଇଁ ନୀତି ଓ ଯୋଜନାମାନ ରହିଛି ଏବଂ ପରିବେଶୀୟ ନୀତି ଓ ଆଇନ ରହିଛି ଯାହା ଏଭଳି ବିକାଶ ପ୍ରକ୍ରିୟା କବଳରୁ ପରିବେଶକୁ ସୁରକ୍ଷା ଦେଇପାରିବ ।

**୩୦. ଭାରତ ଦ୍ୱାରା ସ୍ୱାକ୍ଷରିତ ଆନ୍ତର୍ଜାତିକ ସମ୍ମେଳନ ଓ ଚୁକ୍ତିନାମା :**

ପରିବେଶ ଓ ପ୍ରକୃତିର ସୁରକ୍ଷା ପାଇଁ ବହୁବିଧ ଆନ୍ତର୍ଜାତିକ ସମ୍ମେଳନ ଓ ଚୁକ୍ତିନାମାରେ ଭାରତ ସ୍ୱାକ୍ଷର କରିଛି ଏବଂ ସେସବୁର ପରିପ୍ରୟୋଗ ପାଇଁ ଅନେକ ପଦକ୍ଷେପ ଗ୍ରହଣ କରିଛି । ଭାରତ ଦ୍ୱାରା ସ୍ୱାକ୍ଷରିତ ପ୍ରତିଟି ପ୍ରାସଙ୍ଗିକ ସମ୍ମେଳନ ଓ ଚୁକ୍ତିନାମାକୁ ଏହି ଉପକୂଳ ପରିଚାଳନା ପ୍ରକଳ୍ପ ସମ୍ମତି ପ୍ରଦାନ କରୁଛି ।

**୩୧. ଉପକୂଳ ଇଲାକା ଓ ସାମୁଦ୍ରିକ ଅଞ୍ଚଳମାନଙ୍କ ସହ ସମ୍ପର୍କିତ ରାଷ୍ଟ୍ରୀୟ ନୀତି ସମୂହ :**

ଉପକୂଳ ଓ ସାମୁଦ୍ରିକ ଇଲାକା ସମ୍ପର୍କିତ ବିଭିନ୍ନ ପ୍ରକାର ରାଷ୍ଟ୍ରୀୟ ଓ ପ୍ରାଦେଶିକ ନୀତି ଅତିତରେ ବହୁ ସମୟରେ ପ୍ରଣିତ ହୋଇଛି ଏବଂ ସେଗୁଡ଼ିକ ମଧ୍ୟରେ ଅଗ୍ରପ୍ରଧାନ ହେଲା: ୧୯୮୭ ଓ ୨୦୦୨ର ରାଷ୍ଟ୍ରୀୟ ଜଳ ନୀତି, ୧୯୮୮ର ରାଷ୍ଟ୍ରୀୟ ଜଙ୍ଗଲ ନୀତି ୧୯୯୧ର ଗଭୀର ସମୁଦ୍ରରୁ ମତ୍ସ୍ୟ ଧରା ନୀତି, ୧୯୯୨ରେ ପ୍ରଦୂଷଣ ପ୍ରତ୍ୟାହାର ଉପରେ ନୀତି ଘୋଷଣା, ୧୯୯୭ର ପର୍ଯ୍ୟଟନ ନୀତି, ୨୦୦୦ର ରାଷ୍ଟ୍ରୀୟ କୃଷି ନୀତି, ୨୦୦୪ର ସାମୁଦ୍ରିକ ମତ୍ସ୍ୟଧରା ନୀତି, ୨୦୦୬ର ରାଷ୍ଟ୍ରୀୟ ପରିବେଶ ନୀତି, ୨୦୦୭ର ରାଷ୍ଟ୍ରୀୟ ପୂନର୍ବାସ ଓ ଥଇଥାନ ନୀତି ଏବଂ ଏହି ଉପକୂଳ ଇଲାକା ପରିଚାଳନା ପ୍ରକଳ୍ପ ପ୍ରଣିତ ହେବା କାଳରେ ତଥା ପରିବେଶ ଓ ସାମାଜିକ ଅନୁଶୀଳନର ଚିଠା ପ୍ରସ୍ତୁତି କାଳରେ ସେସବୁ ରାଷ୍ଟ୍ରୀୟ ନୀତିକୁ ଅନୁଧ୍ୟାନ କରାଯାଇଛି ଏବଂ ଏସବୁ ନୀତିର ଏହି ପ୍ରକଳ୍ପ ସହିତ କୌଣସି ଦ୍ୱନ୍ଦ୍ୱ ପ୍ରତିବାଧା ନଥିବା ଦେଖାଯାଇଛି ।

**୩୨. ବୈଧାନିକ ଓ ଆଇନଗତ ଖଣ୍ଡାଖସଡ଼ା :**

ଭାରତର ଉପକୂଳ ଇଲାକାମାନଙ୍କ ପାଇଁ ପ୍ରଯୁର୍ଯ୍ୟ ଆଇନଗତ ବ୍ୟବସ୍ଥାମାନଙ୍କ ଅନ୍ତର୍ଗତ ହେଉଛି : ୧୮୯୪ର ଜମି ଅଧିଗ୍ରହଣ ଆଇନ ; ୧୮୯୭ର ଭାରତୀୟ ମତ୍ସ୍ୟ ଆଇନ; ୧୯୦୮ର ଭାରତୀୟ ବନ୍ଦର ଆଇନ ; ୧୯୫୦ର ଉପକୂଳ ଜଗା ପହରା ଆଇନ ; ୧୯୫୮ର ବଣିକ ଜାହାଜ ଆଇନ ; ୧୯୬୦ର ନମୂନା ସହର ଓ ଦେଶ ଯୋଜନା ଆଇନ ; ୧୯୬୩ର ପ୍ରଧାନ ବନ୍ଦର ଟ୍ରଷ୍ଟ ଆଇନ; ୧୯୭୨ର ବଣ୍ୟଜନ୍ତୁ ସୁରକ୍ଷା ଆଇନ (୨୦୦୧ରେ ପୁନଃ ସଂଶୋଧିତ); ୧୯୭୪ର ଜଳ (ପ୍ରଦୂଷଣ ନିରୋଧ ଓ ନିୟନ୍ତ୍ରଣ) ଆଇନ, ୧୯୭୬ର ଭାରତର ସାମୁଦ୍ରିକ ଉପଖଣ୍ଡ (ବିଦେଶୀ ଜାହାଜ ଦ୍ୱାରା ମାଛ ଧରା ନିଷେଧ ଓ ନିୟନ୍ତ୍ରଣ) ଆଇନ, ୧୯୭୮ର ସାମୁଦ୍ରିକ ମତ୍ସ୍ୟଧରା ନିୟନ୍ତ୍ରଣ ଆଇନ, ୧୯୮୦ର ଜଙ୍ଗଲ ସଂରକ୍ଷଣ ଆଇନ (୧୯୮୮ରେ ସଂଶୋଧିତ), ୧୯୮୧

ବାୟୁ (ପ୍ରଦୂଷଣ ନିୟନ୍ତ୍ରଣ ଓ ନିଷେଧ) ଆଇନ, ୧୯୮୬ର ପରିବେଶ (ସୁରକ୍ଷା) ଆଇନ, ୧୯୮୯ର ବିପଦ ସଙ୍କୁଳ ବର୍ଜ୍ୟ (ପରିଚାଳନା ଓ କାରବାର) ବିଧିବିଧାନ; ୧୯୯୧ର ଉପକୂଳ ନିୟନ୍ତ୍ରକ ଇଲାକା ବିଜ୍ଞପ୍ତି; ୧୯୯୫ର ରାଷ୍ଟ୍ରୀୟ ପରିବେଶ ନ୍ୟାୟାଧିକରଣ ଆଇନ; ୧୯୯୫ର ରାଷ୍ଟ୍ରୀୟ ପରିବେଶିକ ପୁନର୍ବିଚାର ପ୍ରାଧିକରଣ ଆଇନ, ୨୦୦୨ର ଜୈବ - ବିବିଧତା, ଆଇନ ; ୨୦୦୬ର ପରିବେଶଗତ ପ୍ରଭାବ ଅନୁଶୀଳନ ବିଜ୍ଞପ୍ତି; ୨୦୦୬ର ଆଦିବାସୀ ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀ (ବନ୍ୟାଞ୍ଚଳ ଅଧିକାରର ସ୍ୱୀକୃତି) ଆଇନ; ୨୦୦୭ର ରାଷ୍ଟ୍ରୀୟ ପୁନର୍ବାସ ଓ ଥଇଥାନ ନୀତି; ଏବଂ ପ୍ରସ୍ତାବିତ ଜମି ଅଧିକରଣ ଓ ପୁନର୍ବାସ, ଥଇଥାନ ଚିଠା ପ୍ରସ୍ତାବ । ପ୍ରକଳ୍ପ ପ୍ରାରମ୍ଭିକ ସ୍ତରରେ କାର୍ଯ୍ୟକାରୀ ହେଉଥିବା ତିନୋଟି ରାଜ୍ୟରେ ପ୍ରାଦେଶିକ ସ୍ତରରେ ପ୍ରଣୀତ ସ୍ୱତନ୍ତ୍ର ଆଇନ ଓ ବିଧି ବିଧାନ ମଧ୍ୟରେ ଅନ୍ତର୍ଭୁକ୍ତ ହୋଇଛି ୨୦୦୩ର ଗୁଜରାଟ ମତ୍ସ୍ୟ ସଂପଦ ଆଇନ, ୧୯୮୨ର ଓଡ଼ିଶା ସାମୁଦ୍ରିକ ମତ୍ସ୍ୟ ନିୟନ୍ତ୍ରକ ଆଇନ ଓ ନିୟମାବଳୀ, ଓଡ଼ିଶା ରାଜ୍ୟ ପୁନର୍ବାସ ଓ ଥଇଥାନ ନୀତି, ୧୯୯୩ର ପଶ୍ଚିମବଙ୍ଗ ସାମୁଦ୍ରିକ ମତ୍ସ୍ୟସମ୍ପଦ ନିୟନ୍ତ୍ରକ ଆଇନ ଓ ୧୯୯୫ର ନିୟମାବଳୀ । ପୂର୍ବ ସୂଚିତ ଏହି ସବୁ ଆଇନ ଓ ନିୟମାବଳୀ ଯେଉଁ ଯେଉଁ ସ୍ଥଳରେ ପ୍ରଯୁଜ୍ୟ ସେସବୁ ପ୍ରତି ପ୍ରକଳ୍ପ ସ୍ୱୀକୃତି ପ୍ରଦାନ କରିଛି ।

## ୩୩. ପ୍ରକଳ୍ପ କାର୍ଯ୍ୟକ୍ରମ ପାଇଁ ବୈଧାନିକ ଅନୁମତି ପ୍ରାପ୍ତିର ଆବଶ୍ୟକତା :

ପ୍ରକଳ୍ପର କାର୍ଯ୍ୟକ୍ରମ ଖୁବ୍ ଯତ୍ନ ଓ ସାବଧାନତାର ସହ ପ୍ରଣିତ ହୋଇଛି, ଯେପରି କି ୧୯୯୧ରୁ ଉପକୂଳ ପ୍ରବିଧାନ ଇଲାକା ବିଜ୍ଞପ୍ତି ଅଧିନରେ ଏସବୁ କାର୍ଯ୍ୟକ୍ରମର ପରିପ୍ରୟୋଗ ପାଇଁ ଅନୁମତି ମିଳିଯିବ । ଅଧିକ ଭାବେ, ପ୍ରତ୍ୟେକ ରାଜ୍ୟ ଉପକୂଳ ଇଲାକା ପରିଚାଳନା କର୍ତ୍ତୃପକ୍ଷଙ୍କ ଦ୍ୱାରା ୨୦୦୯ ଡ଼ିସେମ୍ବର ସୁଦ୍ଧା ରାଜ୍ୟସ୍ତରୀୟ ପ୍ରକଳ୍ପ ଉପାଦାନ ଗୁଡ଼ିକ ଉପଲବ୍ଧ ହେବା ସାମଗ୍ରିକ ଭାବେ ପ୍ରକଳ୍ପ ପାଇଁ ରାଷ୍ଟ୍ରୀୟ ଉପକୂଳ ଇଲାକା ପରିଚାଳନା କର୍ତ୍ତୃପକ୍ଷଙ୍କ ପକ୍ଷରୁ ୨୦୧୦ ଜାନୁଆରୀ ସୁଦ୍ଧା ଅନୁମୋଦନ ମିଳିଯିବ । ଅନ୍ୟତମ ପ୍ରକଳ୍ପ କାର୍ଯ୍ୟକ୍ରମ - ଓଡ଼ିଶାର ପାରାଦ୍ୱୀପ ଠାରେ ମଳ ଓ ବର୍ଜ୍ୟ କୁଣ୍ଡ ଓ ଶୋଧନ ସୁବିଧାର ପ୍ରତିଷ୍ଠା ନେଇ ୨୦୦୬ ପରିବେଶିକ ପ୍ରଭାବ ଅନୁଶୀଳନ ବିଜ୍ଞପ୍ତି ଭିତ୍ତିରେ ଆବଶ୍ୟକ ସ୍ୱତନ୍ତ୍ର ଅନୁମତି ପ୍ରାପ୍ତି ଓଡ଼ିଶା ରାଜ୍ୟ ପରିବେଶିକ ପ୍ରଭାବ ଅନୁଶୀଳନ କର୍ତ୍ତୃପକ୍ଷଙ୍କ ଠାରୁ ମିଳିବାକୁ ରହିଛି ଯାହା ପ୍ରକଳ୍ପ କାର୍ଯ୍ୟକ୍ରମର ପରିପ୍ରୟୋଗର ଯଥେଷ୍ଟ ପୂର୍ବରୁ ୨୦୧୦ ଜାନୁଆରୀରେ ଉପଲବ୍ଧି ହେବ ।

**୩୪. ବିଶ୍ୱବ୍ୟାଙ୍କର ପ୍ରଯୁର୍ଯ୍ୟ ନୀତି ସମୂହ :**

ବିଶ୍ୱ ବ୍ୟାଙ୍କର ପରିବେଶ ଓ ସାମାଜିକ ସୁରକ୍ଷା ସଂପର୍କିତ ନୀତି ଗୁଡ଼ିକ ଯାହା ପ୍ରକଳ୍ପରେ ଅନୁସୃତ ହେବାକୁ ପ୍ରଯୁର୍ଯ୍ୟ ଏବଂ ଏହି ସମସ୍ତ ନୀତି ଓ ଆବଶ୍ୟକତାକୁ ଭିତ୍ତି କରି ପ୍ରସ୍ତୁତ କରାଯାଇଛି ସେଗୁଡ଼ିକ ହେଲା : (i) ପରିବେଶିକ ଅନୁଶୀଳନ (Environmental Assessment) ଓ.ପି. ୪.୦୧, (ii) ପ୍ରାକୃତିକ ବାସସ୍ଥଳୀ (Natural Habitat) ଓ.ପି. ୪.୦୪, (iii) ଦେଶଜ ଜନଗୋଷ୍ଠୀ (Indigenous People) ଓ.ପି. ୪.୧୦, (iv) ସାଂସ୍କୃତିକ ସଂପଦ (Cultural Property) ଓ.ପି. ୪.୧୧, (v) ବାଧ୍ୟବାଧକ ପୁନର୍ବାସ (Involuntary Resettlement) ଓ.ପି. ୪.୧୨, (vi) ଜଙ୍ଗଲ, ଓ.ପି. ୪.୩୬

## ୧.୫.ଭାଗୀଦାର ପରାମର୍ଶ ପ୍ରକ୍ରିୟା

**୩୫.** ବେଶ୍ କିଛି ଅବଧି ଧରି ବିସ୍ତୃତ ଓ ବହୁ ରୂପ ପ୍ରକାରର ଭାଗୀଦାରମାନଙ୍କ ସହ ଆଲୋଚନା ପରାମର୍ଶ ଅନୁଷ୍ଠିତ ହୋଇ ଏହି ପ୍ରକଳ୍ପ ପାଇଁ ବହୁ ଉପାଦେୟ ଅନୁଭବ ସଂଗ୍ରହ କରାଯାଇଛି । ଉଭୟ ରାଜ୍ୟ ଓ ରାଷ୍ଟ୍ର ସ୍ତରରେ ପରିବେଶ ଓ ସାମାଜିକ ଅନୁଶୀଳନ ଉପଦେଷ୍ଟା, ପରିବେଶ ଓ ଅରଣ୍ୟ ମନ୍ତ୍ରଣାଳୟ ଦ୍ୱାରା ପ୍ରବର୍ତ୍ତିତ ଧାରା ସମୂହ ଏବଂ ସେମାନଙ୍କ ଦ୍ୱାରା ନିଯୁକ୍ତ ସଂଗଠନ ଓ ଗଠିତ ଅନ୍ୟାନ୍ୟ କମିଟିମାନଙ୍କ ଠାରୁ ପରାମର୍ଶ ଗ୍ରହଣ କରାଯାଇଛି । ସ୍ୱତନ୍ତ୍ର ଭାବେ ୨୦୦୮ର ଉପକୂଳ ପରିଚାଳନା ଇଲାକା (CZM) ବିଜ୍ଞପ୍ତିର ଚିଠା ପ୍ରସ୍ତାବ ପାଇଁ ଅନୁସୃତ ନୀତି ପ୍ରଣୟନ ସ୍ତରୀୟ ପରାମର୍ଶ ମଧ୍ୟରୁ ବହୁ ଉପାଦେୟ ପ୍ରସଙ୍ଗ ଆନିତ ହୋଇଛି ।

**୩୬.** ରାଜ୍ୟମାନଙ୍କରେ ଅଗ୍ରିମ ପୁଞ୍ଜି ନିବେଶ ପାଇଁ ଭାଗୀଦାର ଭିତ୍ତିକ ପରାମର୍ଶ ଏପରି ଭାବେ ପ୍ରଣିତ ହୋଇଛି ଯେଉଁଥିରେ (i) ପରିବ୍ୟାପ୍ତ ଓ ବହୁବିଧ ଶ୍ରେଣୀର ଜନସାଧାରଣ / ସଂପ୍ରଦାୟ / ଦରିଦ୍ର ଓ ଦୁର୍ବଳତମ ଜନଗୋଷ୍ଠୀଙ୍କୁ ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯାଇ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ଅନ୍ତର୍ଭୁକ୍ତ କରାଯାଇଛି (ii) ଜନଗୋଷ୍ଠୀ, ସଂପ୍ରଦାୟ ଏବଂ ସେମାନଙ୍କର ପ୍ରାକୃତିକ ସଂପଦ ଭିତ୍ତିର ମୁଖ୍ୟତଃ ପ୍ରକଳ୍ପ କାର୍ଯ୍ୟକାରୀ ହେଉଥିବା କ୍ଷେତ୍ର ବିଶେଷର ସନ୍ନିକଟ ସ୍ଥଳୀର ଭିତ୍ତିକୁ ସଂଯୋଜିତ କରାଯାଇଛି (iii) ସାମଗ୍ରିକ ପ୍ରକଳ୍ପ ଉପାଦାନ ସମୂହ ଓ ଅଗ୍ରିମ ପୁଞ୍ଜି ନିବେଶ, ବିକଳ୍ପ, ଲାଭ ଓ ଲାଭାଂଶ ପ୍ରାପ୍ତିର ଅଧିକାରୀ ଯେଉଁଗୁଡ଼ିକ ପ୍ରଯୁର୍ଯ୍ୟ ସେସବୁର ରୂପାୟନ ଉପରେ ଜନସାଧାରଣଙ୍କୁ ସଚେତନ କରିବା ଏବଂ ଏହାର ତଥ୍ୟ ଗୁଡ଼ିକୁ ପ୍ରଦାନ କରିବା (iv) ଜନ ସଂପ୍ରଦାୟଙ୍କ ଠାରୁ ପ୍ରକଳ୍ପର ଗଠନ ଶୈଳୀ ଓ

ସମାଧାନ ଉପରେ ମତାମତ ଲୋଡ଼ାଯାଇଛି । ଏହି ଧାରାରେ ଉପଲବ୍ଧ ତଥ୍ୟ ଓ ଜ୍ଞାନ କୌଶଳକୁ ଯେଉଁଠାରେ ବୈଷୟିକ ଭାବେ ରୂପାୟନ କରିବା ସମ୍ଭବପର ସେଠାରେ ପ୍ରକଳ୍ପର ଗଠନ ଢ଼ାଞ୍ଚା ମଧ୍ୟରେ ସେଗୁଡ଼ିକୁ ସମନ୍ୱିତ କରାଯାଇଛି ।

**୩୭. ଉପକୂଳ ନିୟନ୍ତ୍ରକ ଇଲାକା (ସି.ଆର.ଜେଡ୍)ର ସଂଶୋଧନ ଓ ଉପକୂଳ ପରିଚାଳନା ଇଲାକା (ସି.ଏମ୍.ଜେଡ୍) ବିଜ୍ଞପ୍ତିର ପ୍ରଣୟନ ପାଇଁ ଗୃହୀତ ପରାମର୍ଶ :**

ଯାହା ସ୍ୱାମୀନାଥନ୍ କମିଟି ରିପୋର୍ଟରେ ଲିପିବଦ୍ଧ ହୋଇଛି, ତାହା ପ୍ରାଥମିକ ଭାବେ ବହୁବିଧ ଭାଗୀଦାର ସଂସ୍ଥାଙ୍କ ସହ ପରାମର୍ଶ ଏବଂ ବେସରକାରୀ ସ୍ୱେଚ୍ଛାସେବୀ ସଂଗଠନ (ଏନ୍.ଜି.ଓ) ମାନଙ୍କ ସହ ସବିଶେଷ ଆଲୋଚନା ଭିତ୍ତିରେ ରୂପ ପରିଗ୍ରହଣ କରିଥିଲା । ଆଲୋଚନା କରାଯାଇଥିବା ଏନ୍.ଜି.ଓ ମାନଙ୍କର ମୂଳତଃ ମତାମତ ଥିଲା ଯେ ସି.ଆର.ଜେଡ୍ (CRZ) ବିଜ୍ଞପ୍ତିକୁ ଲଗାତର ଭାବେ ‘‘ସଂଶୋଧିତ ଓ କୋହଳ’’ (ପ୍ରାୟ ୨୫ ଥର) କରାଯାଇଛି ଏବଂ ଉପକୂଳ ନିୟନ୍ତ୍ରକ ଇଲାକା ବିଜ୍ଞପ୍ତିର ଉଦ୍ଦେଶ୍ୟ ତଥା ୧୯୮୬ର ପରିବେଶ (ସୁରକ୍ଷା) ଆଇନର ନୀତି ଆଦର୍ଶକୁ ଉଲଘଂନ କରାଯାଇ ତଥାକଥିତ ବିକାଶମୂଳକ କାର୍ଯ୍ୟକ୍ରମ ଆଳରେ ଏସବୁ ସଂଶୋଧନ ଓ କୋହଳକୁ ପ୍ରତିଥର ଆପଣେଇ ନିଆଯାଇଛି । ସେମାନଙ୍କର ମୁଖ୍ୟ ପ୍ରସ୍ତାବ ଥିଲା - ଆଇନର କଡ଼ାକଡ଼ି ପ୍ରୟୋଗର ଆବଶ୍ୟକତା, ବିଜ୍ଞପ୍ତିର ପରିପ୍ରୟୋଗରେ ଅଧିକତର ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ରହୁ । ପୁନଶ୍ଚ, ଉପକୂଳ ସମ୍ବଳ ଉପରେ ନିର୍ଭରଶୀଳ ମତ୍ସ୍ୟ ଜୀବି ସଂପ୍ରଦାୟ ଓ ଅନ୍ୟାନ୍ୟ ଦୁର୍ବଳ ଶ୍ରେଣୀ ଲୋକଙ୍କ ଅଧିକାରଗୁଡ଼ିକୁ ସୁରକ୍ଷିତ ରଖିବାକୁ ବିଜ୍ଞପ୍ତି ଅଧିକ ଦୃଢ଼ ଶକ୍ତିଶାଳୀ ହୋଇ କାମ କରୁ ।

୩୮. ଚିଠା ବିଜ୍ଞପ୍ତି ଉପରେ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ଦ୍ୱାରା ପ୍ରାପ୍ତ ମତାମତ ଓ ପ୍ରସ୍ତାବ ବାହାରେ ବିଭିନ୍ନ ସଂଗଠନମାନଙ୍କ ପକ୍ଷରୁ ବହୁବିଧ ପରାମର୍ଶ ଅନୁଷ୍ଠିତ ହୋଇଥିଲା । ଉପକୂଳ ପରିଚାଳନା ଇଲାକା (ସି.ଏମ୍.ଜେଡ୍) ବିଜ୍ଞପ୍ତି ୨୦୦୮ ଚିଠା ଉପରେ ମନ୍ତ୍ରଣାଳୟ ପାଇଥିବା ମନ୍ତବ୍ୟ ଓ ମତାମତର ପରୀକ୍ଷଣ ଅନୁଧ୍ୟାନ ପାଇଁ ଏକ ସ୍ୱତନ୍ତ୍ର ଉଚ୍ଚ ସ୍ତରୀୟ ସମୀକ୍ଷା କମିଟି (ପୁନଶ୍ଚ ଯାହାର ମୁଖ୍ୟ ଥିଲେ ପ୍ରଫେସର ସ୍ୱାମୀନାଥନ୍) ନିଯୁକ୍ତ କରାଗଲା ଏବଂ ସମନ୍ୱିତ ଉପକୂଳ ଇଲାକା ପରିଚାଳନାର ନୀତି ଓ ଆଇନଗତ ଢ଼ାଞ୍ଚା ସାରଣୀ ଉପରେ ପରାମର୍ଶ ଦେବାକୁ କୁହାଗଲା । ଏହି ବିଶେଷଜ୍ଞ କମିଟି ଚୂଡ଼ାନ୍ତ ଭାବେ ମତ ଦେଲେ ଯେ ୨୦୦୮ର ଉପକୂଳ ଇଲାକା ପରିଚାଳନା ବିଜ୍ଞପ୍ତିକୁ ରଦ୍ଦ କରି ଦିଆଯାଉ । ଏହାପରେ, ମନ୍ତ୍ରଣାଳୟ ଏସବୁର ମୌଳିକ ଖଞ୍ଜା ସାରଣୀ ରୂପେ ୧୯୯୧ର ସି.ଆର.ଜେଡ୍ (CRZ) ବିଜ୍ଞପ୍ତିର ସଂଶୋଧନ କରି ଏକ ଚିଠା ପ୍ରଣୟନ କରୁ ଯେଉଁଥିରେ

ଜଳବାୟୁ ପରିବର୍ତ୍ତନ ବ୍ୟତିକ୍ରମର ବିଲକ୍ଷଣ ରୂପେ ସମୁଦ୍ର ଜଳ ପତ୍ତନ ବୃଦ୍ଧି, କ୍ରମ ବର୍ଦ୍ଧିତ ଜନସଂଖ୍ୟାର ଉପକୂଳ ସମ୍ବଳ ଓ ଜୈବ ବିବିଧତା ଉପରେ ଅଧିକ ଚାପ ପ୍ରଭୃତି ଭଳି ଘଟିବାକୁ ଯାଉଥିବା ନୂଆ ନୂଆ ଆହ୍ୱାନ ଓ ଆପଦକୁ ଦୃଷ୍ଟିରେ ରଖି ଅନୁକୂଳ ସଂଯୋଜନ ଓ ସଂଶୋଧନ ସ୍ଥାନ ପାଇବ ।

## ୩୯. ଚିଠା ସି.ଏମ୍.ଜେଡ୍ (CMZ) ବିଜ୍ଞପ୍ତି ଉପରେ ପ୍ରାଦେଶିକ କର୍ମକର୍ତ୍ତାମାନଙ୍କ ସହ ପରାମର୍ଶ :

ବିଜ୍ଞାନ ସମ୍ମତ ତଥ୍ୟ ଓ ନିୟମାବଳୀ ଭିତ୍ତିରେ ଏକ ''ବିପଦ ରେଖା'' ସୀମାଙ୍କନ କରିବାର ପ୍ରସ୍ତାବିତ ଆଭିମୁଖ୍ୟ ପ୍ରତି ବିଭିନ୍ନ ରାଜ୍ୟର ସରକାରୀ କର୍ମକର୍ତ୍ତାମାନେ ଅନୁକୂଳ ମତାମତ ପୋଷଣ କରିଥିଲେ । ସମସ୍ତ ରାଜ୍ୟ ସମ୍ମତି ପ୍ରକାଶ କରିଥିଲେ ଯେ ଉପକୂଳ ପରିଚାଳନା ପାଇଁ ଏପରି ଏକ ଭିତ୍ତିଭୂମି ଆବଶ୍ୟକ, ଯଦିଓ ପ୍ରତ୍ୟାବର୍ତ୍ତନ ବିରତି (୧୦୦ ବର୍ଷରେ ୧ ବା ଆହୁରି କମ୍) ତର୍କ ଆଧାରିତ ହୋଇପାରେ । ''ପ୍ରତିବନ୍ଧ ରେଖା'' ବଦଳରେ ''ବିପଦ ରେଖା'' ଧାରଣା, ଅବବୋଧକୁ ସମସ୍ତ ରାଜ୍ୟ ଓ କେନ୍ଦ୍ର-ଶାସିତାଞ୍ଚଳର ସରକାରଙ୍କ ଦ୍ୱାରା ସ୍ୱାଗତ କରାଯାଇଥିଲା ଏବଂ ଏକ ସାର୍ବଜନୀନ ସହମତି ଥିଲା ଯେ ପ୍ରତି ୫ରୁ ୧୦ ବର୍ଷ ଅବଧି ପରେ ଏହି ରେଖାଙ୍କିତ ସ୍ଥାନଗୁଡିକର ପୁନଃ ପରିଦର୍ଶନ ହେଉ । ଅଧିକାଂଶ ଉପକୂଳୀୟ ରାଜ୍ୟ ପସନ୍ଦ କରିଥିଲେ ପ୍ରଚଳିତ ସି.ଆର.ଜେଡ୍ (CRZ) ନିୟମାବଳୀରେ ଯଥାଯଥ ପରିବର୍ତ୍ତନ ଅଣାଯାଇ ସେଗୁଡ଼ିକ ପୂର୍ବବତ୍ ଚାଲୁ ରହୁ । ରାଜ୍ୟ ଓ କେନ୍ଦ୍ର ଶାସିତାଞ୍ଚଳମାନଙ୍କ ପକ୍ଷରୁ ''ସମ୍ପୃକ୍ତି ପରିଚାଳନା'' ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା, ଯାହା ହେଉଛି ମଧ୍ୟ ସ୍ୱାମୀନାଥନ୍ ଦସ୍ତାବିଦ୍‌ର ସାରାଂଶ - ପ୍ରକଳ୍ପର ପରିପ୍ରୟୋଗ ପୂର୍ବରୁ ବିପଦ ରେଖା ତଥା ଉପକୂଳ ପରିଚାଳନା ଇଲାକା ବିଜ୍ଞପ୍ତିର ନକ୍ସା ପ୍ରସ୍ତୁତ ହେଉ । ସେମାନେ ମଧ୍ୟ ମତ ଦେଇଥିଲେ ଯେ ଉପକୂଳ ଆଇନ ଓ ସମନ୍ୱିତ ଉପକୂଳ ଇଲାକା ପରିଚାଳନା ପ୍ରକଳ୍ପର ପରିପ୍ରୟୋଗ କ୍ଷେତ୍ରରେ ସ୍ଥାନୀୟ ପଞ୍ଚାୟତିରାଜ, ସ୍ଥାନୀୟ ସମ୍ପ୍ରଦାୟମାନଙ୍କଠାରେ ବୃହତ୍ତର କ୍ଷମତା ନ୍ୟସ୍ତ କରାଯାଉ । ଏହି ଆଲୋଚନା କାଳରେ ରାଜ୍ୟ ଉପକୂଳ ପରିଚାଳନା କର୍ତ୍ତୃପକ୍ଷଙ୍କ ଅଧିକ ଶକ୍ତିଶାଳୀ କରିବାକୁ ମତପ୍ରକାଶ ପାଇଥିଲା । ସି.ଏମ୍.ଜେଡ୍ (CMZ) ବିଜ୍ଞପ୍ତି ଚିଠା ଉପରେ ମତାମତ ଓ ପ୍ରତିବାଦମାନ ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତାଞ୍ଚଳ ପକ୍ଷରୁ ପରିବେଶ ଓ ଅରଣ୍ୟ ମନ୍ତ୍ରଣାଳୟକୁ ପ୍ରେରିତ ହୋଇଛି ଏବଂ ମନ୍ତ୍ରଣାଳୟର ପଦକ୍ଷେପକୁ ଅପେକ୍ଷା ରଖିଛି ।

### ୪୦. ପ୍ରସ୍ତାବିତ ସି.ଏମ୍.ଜେଡ୍ (CMZ) ବିଜ୍ଞପ୍ତି ସମ୍ପର୍କରେ ମନ୍ତ୍ରଣାଳୟ ପକ୍ଷରୁ ନିଯୁକ୍ତି ଏନ୍.ଜି.ଓ.ର ଅନୁଷ୍ଠିତ ପରାମର୍ଶ :

ପରିବେଶ ଶିକ୍ଷଣକେନ୍ଦ୍ର (ସି.ଇ.ଇ.) ପକ୍ଷରୁ ୧୩ଟି ଉପକୂଳ ରାଜ୍ୟ ଓ କେନ୍ଦ୍ର ଶାସିତାଞ୍ଚଳରେ ସ୍ଥାନୀୟ ଜନ ସଂପ୍ରଦାୟ ଓ ଏନ୍.ଜି.ଓ. ମାନଙ୍କ ପ୍ରତିନିଧିଙ୍କୁ ନେଇ ୩୫ଟି ପରାମର୍ଶ ଆଲୋଚନା ଅନୁଷ୍ଠିତ (୨୦୦୮ ଜୁଲାଇରୁ ଅଗଷ୍ଟ ମଧ୍ୟରେ) ହୋଇଥିଲା ଏବଂ ପରିବେଶ ଓ ଅରଣ୍ୟ ମନ୍ତ୍ରଣାଳୟକୁ ୨୦୦୮ ସେପ୍ଟେମ୍ବର ମାସରେ ଏକ ରିପୋର୍ଟ ପ୍ରଦାନ କରାଯାଇଥିଲା । ଏହି ପରାମର୍ଶ କାଳରେ ଉତ୍‌ଥିତ ହୋଇଥିବା ମୁଖ୍ୟ ପ୍ରସଙ୍ଗ ଓ ଉଦ୍‌ବେଗର ନିର୍ଯ୍ୟାସଗୁଡ଼ିକ ହେଲା (କ) ସଂଶୋଧନଗୁଡ଼ିକ ସନ୍ନିବେଶିତ ହେବା କାଳରେ ଉପକୂଳ ନିୟନ୍ତ୍ରକ ଇଲାକାଗୁଡ଼ିକର ଧାରଣ ରକ୍ଷଣ ପୂର୍ବବତ ହେବ (ଖ) ପାରିବେଶିକ ସ୍ପର୍ଶକାତର ଅଞ୍ଚଳ, ସମନ୍ୱିତ ଉପକୂଳ ଇଲାକା ପରିଚାଳନା ଓ ପରିଚାଳନାର ପଦ୍ଧତି, ବାଧାରୋଧ ରେଖା ପ୍ରଭୃତି ଉପରେ ଅଧିକ ସ୍ୱଚ୍ଛ ଓ ସ୍ପଷ୍ଟ ବର୍ଣ୍ଣନ (ଗ) ୧୯୯୧ର ସି.ଏମ୍.ଜେଡ୍ (CMZ) ବିଜ୍ଞପ୍ତି ସମ୍ପର୍କିତ ଜଣାପଡ଼ିଥିବା ଅବମାନନା ଉପରେ ଜୋରିମାନା ଆଦାୟ ଓ ଏହାର ସକାରାତ୍ମକ ସଂଶୋଧନ ଆଣିବା ଯେଉଁ ବିଜ୍ଞପ୍ତି ସକ୍ରିୟ ଭାବେ କାର୍ଯ୍ୟକାରୀ ହେଲେ ଉପକୂଳ ପରିଚାଳନାକୁ ସୁସଂହତ ଭାବେ ନିର୍ବାହ କରିବାର ସୁଯୋଗ ଏଥିରେ ରହିଛି । (ଘ) ୨୦୦୮ ସି.ଏମ୍.ଜେଡ୍ (CMZ) ବିଜ୍ଞପ୍ତିର ଗଠନ ଶୈଳୀ ଚିଠା ପ୍ରସ୍ତୁତିରେ ଅଂଶୀଦାର ଗୋଷ୍ଠୀ, ବିଶେଷ ଭାବେ ସ୍ଥାନୀୟ ସଂପ୍ରଦାୟଙ୍କୁ ଅଧିକ ଭାବେ ସମ୍ପୃକ୍ତ କରାଇବା (ଙ) ୨୦୦୮ ଉପର ବିଜ୍ଞପ୍ତି ସମ୍ପର୍କରେ ସତର୍କବାଣୀ - ଯେଉଁଥିରେ ରହିଛି ନୂତନ ପରିଚାଳନା ପଦ୍ଧତି ଧାରା ଯାହା ବଡ଼ ବଡ଼ କମ୍ପାନୀ ଓ କ୍ଷମତାହୀନ ଧନୀଲୋକଙ୍କ ଅନୁପ୍ରବେଶକୁ ପ୍ରୋତ୍ସାହିତ ଓ ନ୍ୟାୟ ସଂଗତ କରିଦେବ, ସ୍ୱତନ୍ତ୍ର ଅର୍ଥନୈତିକ ଜୋନ୍ (SEZ)ର ବିକାଶ ଘଟାଇବ, ଯାହା ଫଳରେ ଉପକୂଳସ୍ଥ ଜମି ଓ ସମ୍ବଳକୁ ଉଦ୍ୟୋଗପତି ଶିଳ୍ପପତି ଓ କ୍ଷମତା ସୀନମାନେ ଅଧିକ ବ୍ୟବହାର କରିବେ ଏବଂ ଉପକୂଳସ୍ଥ ଦରିଦ୍ର ଦୁର୍ବଳ ଶ୍ରେଣୀର ବ୍ୟକ୍ତି ଓ ସ୍ଥାନୀୟ ସଂପ୍ରଦାୟଙ୍କ ପ୍ରାଥମିକ ଅଧିକାରକୁ କ୍ଷୁର୍ଣ୍ଣ କରିବେ (ଚ) ପ୍ରସ୍ତାବିତ ଏହି ସି.ଏମ୍.ଜେଡ୍ ବିଜ୍ଞପ୍ତିରେ ପରିଚାଳନାଗତ ପଦ୍ଧତି ଓ ଢ଼ାଞ୍ଚାରେ ସ୍ଥାନୀୟ ପ୍ରଶାସନ ଓ ରାଜ୍ୟ ସରକାରଙ୍କ ଭୂମିକା ସମ୍ପର୍କରେ ପର୍ଯ୍ୟାପ୍ତ ଉଲ୍ଲେଖ ରହିବା ଦରକାର ଯାହା ଫଳରେ ସ୍ଥାନୀୟ ଉପକୂଳ ଅଧିକାରୀ ଓ ସଂପ୍ରଦାୟଙ୍କ ଏବଂ ସେମାନଙ୍କ ପ୍ରତିନିଧି (ପଞ୍ଚାୟତ ସଭ୍ୟ) ମାନଙ୍କ ସ୍ଥାନୀୟ ପରିବେଶ ଓ ପୁନର୍ବାସ ଅଞ୍ଚଳରେ ପ୍ରକଳ୍ପର କାର୍ଯ୍ୟକ୍ରମରେ ଅଂଶଗ୍ରହଣ ଓ ପରିକଳ୍ପନାରେ ଭାଗ ନେଇ ସେମାନଙ୍କ ମୌଳିକ ଅଧିକାରକୁ ସାବ୍ୟସ୍ତ କରିପାରିବେ (ଛ) ବିଶେଷ ଭାବେ ମତ୍ସ୍ୟଜୀବି ସଂପ୍ରଦାୟଙ୍କ ସ୍ୱାର୍ଥ ପରିପ୍ରେକ୍ଷୀରେ ସି.ଆର.ଜେଡ୍

(CRZ) ବିଜ୍ଞପ୍ତିରେ ପୁନଶ୍ଚ ଏହାକୁ, ନ୍ୟୁନ ଅବହେଳିତ କରିବାର ଆଶଙ୍କା (ଜ) ପାରମ୍ପରିକ ଉପକୂଳ ଜନଗୋଷ୍ଠୀଙ୍କ ମୌଳିକ ଅଧିକାର ତଥା ସାମୁଦ୍ରିକ ପାରିପାର୍ଶ୍ୱିକ ପ୍ରକୃତି ପରିବେଶର ସୁରକ୍ଷାକୁ ନିଶ୍ଚିତ କରାଇବାକୁ ଉପକୂଳ ପରିଚାଳନା ଉପରେ ଏକ ଆଇନ କିମ୍ବା ବିଧିବିଧାନର ଆବଶ୍ୟକତା । ଏଭଳି ଏକ ଆଇନର ପ୍ରବର୍ତ୍ତନ ନିମନ୍ତେ ଉପକୂଳର ନୀତିନିୟମ ଉପରେ ରାଜ୍ୟ ବିଧାନ ସଭାରେ ନିର୍ବାଚିତ ପ୍ରତିନିଧି ବା ବିଧାୟକମାନେ ଚର୍ଚ୍ଚା କରିବା ଦରକାର ।

**୪୧. ପ୍ରକଳ୍ପର ଉପାଦାନ ପାଇଁ ପରିବେଶ ମନ୍ତ୍ରଣାଳୟ ପକ୍ଷରୁ ଗୃହୀତ ପରାମର୍ଶ :**

ବିପଦ ରେଖାର ନକ୍ସାଙ୍କନ (ବିପଦ ରେଖାର ସଜ୍ଞା ନିରୂପଣ ଓ ପରିମାପକ ପ୍ରସଙ୍ଗ ପରେ ବିଚାର କରାଯିବ), ପରିବେଶଗତ ସ୍ପର୍ଶକାରେ ଅଞ୍ଚଳ (ଏସବୁ ଅଞ୍ଚଳ ଚିହ୍ନଟ କରିବାର ପଦ୍ଧତି ପରେ ଗୃହୀତ ହେବ) ଏବଂ ଭାରତର ଉପକୂଳ ଇଲାକାର ସୁସଂହତ ସମନ୍ୱିତ ପରିଚାଳନା ନିମନ୍ତେ ସାମର୍ଥ୍ୟର ଆକଳନ ଭଳି ପ୍ରକଳ୍ପର ରାଷ୍ଟ୍ରୀୟ ଉପାଦାନଗୁଡ଼ିକ ଲିପିବଦ୍ଧ କରିବାକୁ ପରିବେଶ ଓ ଅରଣ୍ୟ ମନ୍ତ୍ରଣାଳୟ ପକ୍ଷରୁ କେତେଗୁଡ଼ିଏ ପରାମର୍ଶ ଲୋଡ଼ା ଯାଇଛି । ଏଥିପାଇଁ ରାଷ୍ଟ୍ରୀୟ ସ୍ତରରେ ଏକ କର୍ମଶାଳା ଏବଂ ଲଗାତର ଭାବେ କେତେଗୁଡ଼ିଏ ଆଞ୍ଚଳିକ କର୍ମଶାଳା ଅନୁଷ୍ଠିତ ହୋଇ ଜାତୀୟ ଓ ଆନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ବୈଷୟିକ ବିଶେଷଜ୍ଞମାନଙ୍କୁ ନେଇ ବେଶ୍ ତାତ୍ତ୍ୱିକ ଓ ଗୁରୁତ୍ୱପୂର୍ଣ୍ଣ ବିଷୟମାନ ଆଲୋଚିତ ହୋଇସାରିଛି । ଏହା ବାହାରେ ପ୍ରକଳ୍ପର ପରୀକ୍ଷାମୂଳକ ପ୍ରାୟୋଗିକ କ୍ଷେତ୍ର ତିନୋଟି ରାଜ୍ୟ - ଓଡ଼ିଶା, ଗୁଜୁରାଟ ଓ ପଶ୍ଚିମବଙ୍ଗରେ ଭିନ୍ନ ଭିନ୍ନ ପର୍ଯ୍ୟାୟରେ ବିଧି ସଂଗତ ଓ ସହଜ ସରଳ ଭାବେ ବିଭିନ୍ନ ପରାମର୍ଶ ଓ ଚର୍ଚ୍ଚା ଅନୁଷ୍ଠିତ ହୋଇଛି, ଯେଉଁଥିରେ ବିବିଧ ଭାଗୀଦାର ଗୋଷ୍ଠୀକୁ ସଂପୃକ୍ତ କରାଯାଇଛି । ଏହି ଭାଗୀଦାରମାନଙ୍କ ପକ୍ଷରୁ ଉଠିଥିବା ବିଭିନ୍ନ ପ୍ରସଙ୍ଗମାନଙ୍କୁ ଗୁରୁତ୍ୱଦେଇ ରାଜ୍ୟ ସ୍ତରୀୟ ପ୍ରକଳ୍ପ ପରିପ୍ରୟୋଗକାରୀ ସଂସ୍ଥାନ ଲିପିବଦ୍ଧ କରିଛି ଏବଂ ଯେଉଁସବୁ ପ୍ରାସଙ୍ଗିକ ତଥା ପରିପ୍ରୟୋଗ ସମ୍ଭବପର ସେସବୁକୁ ପ୍ରକଳ୍ପ ଖଞ୍ଜାରେ ସଙ୍କଳିତ କରାଯାଇଛି ।

**୪୨. ଗଣ ଯୋଗାଯୋଗ ପରାମର୍ଶଦାତାଙ୍କ ଦ୍ୱାରା ପ୍ରକଳ୍ପ ଉପାଦାନ ରୂପେ ଅନୁଗୃହୀତ ପରାମର୍ଶ :**

ଏହି ଯୋଗାଯୋଗ ପରାମର୍ଶଦାତାଗଣ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ପକ୍ଷରୁ ନିଯୁକ୍ତ ହୋଇ ସମନ୍ୱିତ ଉପକୂଳ ଇଲାକା ପରିଚାଳନା ପ୍ରକଳ୍ପ ସମ୍ପର୍କରେ ବିଭିନ୍ନ ସଙ୍ଗଠନ ଓ ସଂସ୍ଥାନ ତଥା ଭାଗୀଦାର ଗୋଷ୍ଠୀ ମଧ୍ୟରେ ସଚେତନତା ସୃଷ୍ଟିର ଉଦ୍ୟମ କରିବେ ତଥା

ତଥ୍ୟ ଆଦାନ ପ୍ରଦାନର ଧାରା ଓ ଜ୍ଞାନ କୌଶଳର ବିକାଶ ଘଟାଇବେ । ସେମାନଙ୍କର ଦାୟିତ୍ୱର ଅନ୍ୟ ଦିଗଗୁଡ଼ିକ ହେଲା ପ୍ରକଳ୍ପ ସମ୍ପର୍କରେ ଭୁଲଧାରଣାର ପ୍ରଶମନ ଏବଂ ପ୍ରକଳ୍ପରେ ଅଂଶ କିଣିବାରୁ ଅଂଶୀଦାରଙ୍କୁ ପ୍ରରୋଚିତ କରିବା, ପ୍ରକଳ୍ପର ଗଠନ ଶୈଳୀ ଓ ପରିପ୍ରୟୋଗ ଧାରାରେ ବିକାଶ ଘଟାଇବାକୁ ବିଭିନ୍ନ ସ୍ତରର ଅଂଶୀଦାର ଗୋଷ୍ଠୀ ଏବଂ ପ୍ରକଳ୍ପ ଅଧିକାରୀମାନଙ୍କ ମଧ୍ୟରେ ଦ୍ୱିବିଧ ନିର୍ଗମନ ବାଟ ଖୋଲିବା, ରାଷ୍ଟ୍ରୀୟ, ପ୍ରାଦେଶିକ ଓ ସ୍ଥାନୀୟ ଆଞ୍ଚଳିକ ସ୍ତରରେ କାର୍ଯ୍ୟକ୍ରମ ପରିପ୍ରୟୋଗରେ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କ ଆଦାନ ପ୍ରଦାନ ସାମର୍ଥ୍ୟକୁ ବିକଶିତ କରାଇବା, ସର୍ବସାଧାରଣରେ ପ୍ରକଳ୍ପ ସମ୍ପର୍କିତ ତଥ୍ୟ ଉପଲବ୍ଧ ହେବାର ଏବଂ ଆଇ.ସି.ଜେଡ୍.ଏମ୍. ପ୍ରକଳ୍ପର ଆଭ୍ୟନ୍ତରୀଣ ସ୍ୱଚ୍ଛତାର ଅଭିବୃଦ୍ଧି ଦିଗରେ ଏହା କାର୍ଯ୍ୟ କରିବ ।

ଏହି ପରାମର୍ଶରୁ ଉପଲବ୍‌ଧ ମୁଖ୍ୟ କଥାଗୁଡ଼ିକ ନିମ୍ନରେ ସୂଚିତ : (i) ସମ୍ବାଦ ପତ୍ରମାନଙ୍କରେ ପ୍ରକାଶିତ ସମସ୍ତ ବିବରଣୀ ହେଉଛି ପରିବେଶ ମନ୍ତ୍ରଣାଳୟ ଦ୍ୱାରା ପ୍ରସ୍ତୁତ ସି.ଜେଡ୍.ଏମ୍. (CZM) ବିଜ୍ଞପ୍ତି ଏବଂ ଆଇ.ସି.ଜେଡ୍.ଏମ୍. ପ୍ରକଳ୍ପ (ICZMP) ଉପରେ ଖୁବ୍ କମ୍ ରିପୋର୍ଟ ପ୍ରକାଶିତ (ii) ଏକ ସମର୍ଥିତ ଅବବୋଧ ଯେ ଉପକୂଳ ଅଞ୍ଚଳର ସାଧାରଣ ଅଧିବାସୀ ଏହି ପ୍ରକଳ୍ପର ବିଧି ବିଧାନଗୁଡ଼ିକୁ ଆଦୌ ବୁଝିପାରିନାହାନ୍ତି, ବିଶେଷ ଭାବେ ମତ୍ସ୍ୟଜୀବିମାନଙ୍କ ଧାରଣା, ମତାମତ ଓ ଅଭିଳାଷମାନ ସ୍ପଷ୍ଟ ହୋଇ ପାରିନାହିଁ (iii) ଏହି ପ୍ରକଳ୍ପରେ ଜୀବିକା ନିର୍ବାହ ପନ୍ଥା ସୁରକ୍ଷିତ ନୁହେଁ ବୋଲି ପ୍ରଚଳିତ ବିଶ୍ୱାସ ଓ ଧାରଣାକୁ ବାସ୍ତବ ତଥ୍ୟ ପ୍ରଦାନରେ ବଦଳାଇ ନେବାର ଆବଶ୍ୟକତା (iv) ଉପକୂଳ ନିୟନ୍ତ୍ରକ ଇଲାକା ପର୍ଯ୍ୟାୟଭୁକ୍ତ ଅଞ୍ଚଳମାନଙ୍କୁ ଉପକୂଳ ପରିଚାଳନା ଇଲାକା ଉପଖଣ୍ଡକୁ ପରିବର୍ତ୍ତିତ କରାଯାଇଥିବାର ସମର୍ଥିତ ଭ୍ରମାତ୍ମକ ଧାରଣା (v) ପ୍ରକଳ୍ପର ପରିପ୍ରୟୋଗରେ ସ୍ୱଚ୍ଛତାର ଅଭାବ, ଆପତ୍ତି ଅଭିଯୋଗର ନିରାକରଣ ଓ ନିୟନ୍ତ୍ରଣ ଦିଗରେ ସାଂଗଠାନିକ ପ୍ରକ୍ରିୟାର ଅଭାବ ପ୍ରଭୃତି ଉଦ୍‌ବିଗ୍ନତା ସମ୍ବନ୍ଧରେ ଅଧିକତର ତଥ୍ୟ ବିନିମୟର ଆବଶ୍ୟକତା । ପୁନଶ୍ଚ ଏହି ପରାମର୍ଶଗୁଡ଼ିକ ବହୁବିଧ ଅଂଶୀଦାର ଗୋଷ୍ଠୀଙ୍କ ପାଇଁ ସୃଷ୍ଟି କରିଥିବା ଯୋଗାଯୋଗ ଫାଙ୍କକୁ ଚିହ୍ନଟ କରି ସେଗୁଡ଼ିକର ସମାଧାନ ଆବକଶ୍ୟକତା ବାହାର କରିବା ଦିଗରେ ସହାୟକ ହୋଇଛି ।

**୪୩. ପରିବେଶ ଅନୁଶୀଳନ ଓ ସାମାଜିକ ଅନୁଧ୍ୟାନର ତିନୋଟି ରାଜ୍ୟ ପାଇଁ ଅଧ୍ୟୟନ ପରାମର୍ଶ :**

ପ୍ରାଦେଶିକ ବିଭାଗ ଯଥା ଜଙ୍ଗଲ, ପରିବେଶ, ମତ୍ସ୍ୟ ସଂପଦ, ଜଳ ସଂପଦ ପ୍ରଭୃତିର କର୍ମକର୍ତ୍ତା ଏବଂ ମତ୍ସ୍ୟଜୀବି, ନୌକା ନିର୍ମାତା ଓ ନାଉରୀ ଓ ଅନ୍ୟାନ୍ୟ ଉପକୂଳ ଅଧିବାସୀଙ୍କ ଭଳି ଅନ୍ୟ

କେତେକ ଅଂଶୀଦାରମାନଙ୍କ ସହ ପରାମର୍ଶ, ଚର୍ଚ୍ଚା ଅନୁଷ୍ଠିତ ହୋଇଥିଲା । ଅଗ୍ରିମ ପୁଞ୍ଜି ନିବେଶ ଅଭିଲକ୍ଷ୍ୟରେ ପ୍ରକଳ୍ପ ଇଲାକାରେ ସାମାଜିକ ଓ ପରିବେଶଗତ ପ୍ରସଙ୍ଗମାନଙ୍କୁ ଚିହ୍ନଟ କରିବା ଥିଲା ମୁଖ୍ୟ ଉଦ୍ଦେଶ୍ୟ । ନିର୍ଣ୍ଣିତ ହୋଇଥିବା ମୁଖ୍ୟ ପ୍ରସଙ୍ଗଗୁଡ଼ିକର ସାରାଂଶ ନିମ୍ନରେ ପ୍ରଦତ୍ତ :

**ଓଡ଼ିଶା ପ୍ରସଙ୍ଗ :** କ) କେତେକ ଅଞ୍ଚଳରେ ଉପକୂଳ ସୁରକ୍ଷା ଓ ନିରାପତ୍ତା କାର୍ଯ୍ୟକ୍ରମଗୁଡ଼ିକୁ ସଜାଡ଼ି ନେବାରେ ଏବଂ ଉପକୂଳ ସୁରକ୍ଷା ପାଇଁ ପଦକ୍ଷେପ ଗ୍ରହଣ କାଳରେ ବସ୍ତାରେ ଭର୍ତ୍ତି କରିବା ପାଇଁ ବାଲି ସଂଗ୍ରହ ଦ୍ୱାରା ଏହାର କିଛି ପ୍ରଭାବ ଉପକୂଳ ସାମୁଦ୍ରିକ - ଭୂତତ୍ତ୍ୱ ଉପରେ ପଡ଼ିପାରେ ଏବଂ ପଡ଼ୋଶୀ ଅସୁରକ୍ଷିତ ଇଲାକାର ବେଳାଭୂମିର ସ୍ଥାୟିତ୍ୱକୁ ବିପନ୍ନ କରିପାରେ ଖ) ନିରାପତ୍ତା ପଦକ୍ଷେପ, ଆଞ୍ଚଳିକ ଲବୋଟାରୀ ଭଳି ବହୁବିଧ କାର୍ଯ୍ୟକ୍ରମର ରୂପାୟନ କାଳରେ ନିର୍ମାଣ କାର୍ଯ୍ୟକୁ ଯଥାଯଥ ଭାବେ ପ୍ରଶମିତ କରା ନଗଲେ ଏହା ନିର୍ମାଣ ଅବଧିରେ ସେସବୁ କ୍ଷେତ୍ର ଇଲାକାର ଜଳ, ବାୟୁ ଓ ଶବ୍ଦ ପ୍ରଦୂଷଣ କରିପାରେ ଗ) ଯଦି ବିହିତ ଭାବେ ନିର୍ବାହିତ ନହୁଏ ତେବେ ନିର୍ମାର କାର୍ଯ୍ୟ ଦ୍ୱାରା ଚଲାପଥ ଅସ୍ଥାୟୀ ଭାବେ ଅବରୁଦ୍ଧ ହେବାର ଆଶଙ୍କା ରହିଛି (ଘ) ପରିବେଶ-ସାଯୁର୍ଯ୍ୟ-ପର୍ଯ୍ୟଟନ ଏବଂ ସାମାଦ୍ରିକ-ଅର୍ଥନୈତିକ କାର୍ଯ୍ୟକ୍ରମମାନଙ୍କ ପାଇଁ ହିତାଧିକାରୀ ନିର୍ବାଚନ ବେଳେ ତାହା ଅଂଶୀଦାରମାନଙ୍କ ଭିତରେ ଦ୍ୱନ୍ଦ୍ୱ ସଂଘର୍ଷ ସୃଷ୍ଟି କରିପାରେ (ଙ) ଉପଯୁକ୍ତ ବିଧିବଦ୍ଧ ଭାବେ ପରିକଳ୍ପିତ ନହେଲେ ପରିବେଶ-ଅବଗାହୀ-ପର୍ଯ୍ୟଟନର ବିକାଶ କାର୍ଯ୍ୟକ୍ରମ ଦ୍ୱାରା ବାୟୁ, ଜଳ (ଯାନ୍ତ୍ରିକ ଡ଼ଙ୍ଗାରୁ ତେଲ ମୋବିଲ୍ ବହିର୍ଗତ ହେବ) ଏବଂ ଶବ୍ଦ ପ୍ରଦୂଷିତ ହେବ ତଥା ଜୈବ ବିବିଧତା ବିପନ୍ନ ହେବ (ଚ) ପରିବେଶ-ପର୍ଯ୍ୟଟନ ସହ ସଂପୃକ୍ତ ବିବିଧ ଅର୍ଥନୈତିକ କାର୍ଯ୍ୟକ୍ରମ ପାଇଁ ବିଧିବଦ୍ଧ ବାଣିଜ୍ୟିକ ଓ ସାମର୍ଥ୍ୟ ନିର୍ମାଣ କୌଶଳର ଆବଶ୍ୟକତା (ଛ) ଲୁଣା ହେନ୍ତାଳ ଜଙ୍ଗଲ ସଂରକ୍ଷଣ କାର୍ଯ୍ୟକ୍ରମ ମାନଙ୍କର ଯଦି ଯଥାଯଥ ଯୋଜନା ପ୍ରସ୍ତୁତ ନହୁଏ, ତେବେ କେତେକ ଅଞ୍ଚଳରେ ରହିଥିବା ସ୍ଥାନୀୟ ପ୍ରଜାତିର ବୃକ୍ଷ (ଯଥା : ଭିତର କନିକାର କନିକା-ସୁନ୍ଦରୀ ଗଛ) ଲୋପ ପାଇଯିବ (ଜ) ପରିବେଶ-ଅବଗାହୀ-ପର୍ଯ୍ୟଟନ କ୍ଷେତ୍ରମାନଙ୍କରେ ବର୍ଜ୍ୟବସ୍ତୁ ପରିଚାଳନାକୁ ସର୍ବାଧିକ ଅଗ୍ରାଧିକାର ପ୍ରଦାନ ଆବଶ୍ୟକ (ଝ) ମଳ ଓ ନର୍ଦ୍ଦମାର ବର୍ଜ୍ୟ ପରିଚାଳନା କ୍ଷେତ୍ର (ୟୁନିଟ୍) ପରିବହନ ଓ ବିଧାୟନ କାଳରେ ସଂଲଗ୍ନ ଓ ନିକଟବର୍ତ୍ତୀ ଇଲାକାରେ ପ୍ରଦୂଷଣ ସଂକଟ ସୃଷ୍ଟି କରିପାରେ ।

ପରିବେଶ ପରିଚାଳନା ଯୋଜନା (ଇ.ଏମ୍.ପି)ରେ ନିମ୍ନସୂଚିତ ପ୍ରଶମନ କାର୍ଯ୍ୟାବଳୀ ପାଇଁ ପ୍ରସ୍ତାବ ରଖାଯାଇଛି :

କ) ବସ୍ତାରେ ଭର୍ତ୍ତି ପାଇଁ ଆବଶ୍ୟକ ବାଲି ସମୁଦ୍ର ଅଭ୍ୟନ୍ତରରୁ ସଂଗୃହୀତ ହେବ ।

(ଖ) ଗବେଷଣାଗାର ଓ ଅନ୍ୟାନ୍ୟ କୋଠାବାଡ଼ିର ନିର୍ମାଣ ପାଇଁ ଆବଶ୍ୟକ ଅପରିହାର୍ଯ୍ୟ ପ୍ରଶମନ ପଦକ୍ଷେପ ଭାବେ ପ୍ରସ୍ତାବ ଦିଆଯାଇଛି ଯେ ସ୍ୱ ସ୍ୱ DPR ଇଲାକାରେ ନିର୍ମାଣ କାର୍ଯ୍ୟ ଚାଲିଲା ବେଳେ ସେଗୁଡ଼ିକ ସଂପନ୍ନ ହେବ ।

(ଗ) ନିର୍ମାଣ ଅବଧିରେ ଚଲାପଥରେ କୌଣସି ମତେ ଅସ୍ଥାୟୀ ଅବରୋଧ ସୃଷ୍ଟି ନ କରିବାରୁ ପ୍ରତିହତ ପଦକ୍ଷେପ ଭାବେ ପ୍ରସ୍ତାବିତ ହୋଇଛି ।

(ଘ) ଏହି ସମସ୍ୟାକୁ ଏଡ଼େଇବାକୁ ସ୍ଥାନୀୟ ଏନ୍.ଜି.ଓ ମାନଙ୍କ ସାହାଯ୍ୟ ଲୋଡ଼ିବା କଥା ବିଚାର କରାଯିବ (ବିଶେଷ ଭାବେ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କାଳରେ)

(ଙ) ପରିବେଶ-ପର୍ଯ୍ୟଟନ ସ୍ଥଳୀମାନଙ୍କରେ ବର୍ଜ୍ୟବସ୍ତୁ ଗଜେଇବା, ଶବ୍ଦ ପ୍ରଦୂଷଣ ନିୟନ୍ତ୍ରଣ ଭଳି କାର୍ଯ୍ୟର ନିରୋଧ ପାଇଁ ଯଥାଯଥ ପ୍ରତିଷେଧକ ବ୍ୟବସ୍ଥା କରିବାକୁ ପରି ପ୍ରୟୋଗକାରୀ ସଂସ୍ଥାମାନଙ୍କୁ କୁହାଯାଇଛି ।

(ଚ) ବାଣିଜ୍ୟ ବିପଣନ ଓ ସାମର୍ଥ୍ୟ ନିର୍ମାଣ ପାଇଁ ଯଥାଯଥ ବ୍ୟବସ୍ଥା ଗ୍ରହଣ କରିବାକୁ ପରିପ୍ରୟୋଗକାରୀ ସଂସ୍ଥାନମାନଙ୍କୁ ପ୍ରସ୍ତାବ ଦିଆଯାଇଛି ।

(ଛ) ବିପର୍ଯ୍ୟସ୍ତ ଓ ବିନଷ୍ଟ ହୋଇ ସାରିଥବବା ଅଞ୍ଚଳମାନଙ୍କରେ ଲୁଣା ହେନ୍ତାଳ ଚାରା ଗଛ ରୋପଣ ପାଇଁ ଯୋଜନା କରାଯାଇଛି, ସୁତରାଂ ସ୍ଥାନୀୟ ପ୍ରଜାତିର ବିଲୁପ୍ତି ହେବ ନାହିଁ ବୋଲି ଆଶା କରାଯାଉଛି ।

(ଜ) ପରିବେଶ-ପର୍ଯ୍ୟଟନ ସ୍ଥଳୀମାନଙ୍କରେ ବର୍ଜ୍ୟ ଅଳିଆ ନିକ୍ଷେପନ ରୋକିବାକୁ ଉପଯୁକ୍ତ ପ୍ରଶମନ ଯୋଜନା କରିବାକୁ ପରିପ୍ରୟୋଗକାରୀ ସଂସ୍ଥାମାନଙ୍କୁ ପ୍ରସ୍ତାବ ଦିଆଯାଇଛି ।

(ଝ) ପରିବେଶ ପରିଚାଳନା ଯୋଜନା (ଇ.ଏମ୍.ପି) ଅଧୀନରେ ଆବଶ୍ୟକ ପ୍ରଶମନ କାର୍ଯ୍ୟକ୍ରମମାନଙ୍କ ପାଇଁ ପ୍ରସ୍ତାବିତ ହୋଇଛି ।

୪୪. **ବେସରକାରୀ ସଂଗଠନ, ଜନଗୋଷ୍ଠୀ ସଂଗଠନ ଓ ବିଶେଷଜ୍ଞମାନଙ୍କ ସହ ଅତିରିକ୍ତ ପରାମର୍ଶ :**

କେନ୍ଦ୍ର ସରକାରଙ୍କ ପରିବେଶ ଓ ଅରଣ୍ୟ ମନ୍ତ୍ରଣାଳୟ ତଥା ଗୁଜୁରାଟ, ଓଡ଼ିା ଓ ପଶ୍ଚିମବଙ୍ଗ ରାଜ୍ୟ ତିନୋଟି ପକ୍ଷରୁ ଉପରୋକ୍ତ ସଂଗଠନମାନଙ୍କ ସହ ସବିଶେଷ ପରାମର୍ଶ ପ୍ରାଦେଶିକ

ରାଜଧାନୀ ତଥା ଜନ ସଂପ୍ରଦାୟ ସ୍ତରରେ ଅନୁଷ୍ଠିତ ହୋଇଯାଇଛି । ସମୁଦାୟ ୧୨୨ଟି ବେସରକାରୀ ସଂଗଠନ ତଥା ଜନଗୋଷ୍ଠୀ ସଂଗଠନ - (ରାଷ୍ଟ୍ରୀୟ ସ୍ତରରେ ୮୬ଟି, ଗୁଜୁରାଟରେ ୨୨, ଓଡ଼ିଶାରେ ୧୪ ଏବଂ ପଶ୍ଚିମବଙ୍ଗରେ ୧୮ଟି ସଂଗଠନ) ମାନଙ୍କ ସହିତ ଏବଂ ୧୧୮ଟି ବିଶେଷଜ୍ଞ ପରାମର୍ଶ ବୈଠକ ୨୦୦୮ ଜାନୁଆରୀ ଠାରୁ ୨୦୦୯ ସେପ୍ଟେମ୍ବର ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ପ୍ରକଳ୍ପ ଚୂଡ଼ାନ୍ତ ହେବା ପୂର୍ବରୁ ନୂଆଦିଲ୍ଲୀ, ଗାନ୍ଧିନଗର, ଭୁବନେଶ୍ୱର ଓ କୋଲକାତା ଠାରେ ଅଂଶୀଦାର ପରାମର୍ଶ (୨୦୦୯ ଡ଼ିସେମ୍ବର-୨୦୧୦ ଜାନୁଆରୀ ମଧ୍ୟରେ) ବୈଠକମାନ ଅନୁଷ୍ଠିତ ହେବାର ପ୍ରସ୍ତାବ ରହିଛି । ସମଗ୍ର ପ୍ରକଳ୍ପ ପରିପ୍ରୟୋଗ ଅବଧି ଧରି ପରାମର୍ଶ ଗ୍ରହଣ ଅନୁଷ୍ଠିତ ହୋଇ ଚାଲିବ ।

## ୧.୯ ବିକଳ୍ପମାନଙ୍କର ବିଶ୍ଳେଷଣ

୪୫. ପ୍ରକଳ୍ପର ସାମଗ୍ରିକ ଗଠନ ଢ଼ାଞ୍ଚା ପାଇଁ ବିଳକ୍ଳମାନଙ୍କ ବିଶ୍ଳେଷିତ ହୋଇଥିଲା ଯାହା ମଧ୍ୟରେ ଅନ୍ତର୍ଭୁକ୍ତ : କ) ଯଥା ସମ୍ଭବ ସୀମିତ ପୁଞ୍ଜି ବିନିଯୋଗରେ କାର୍ଯ୍ୟଧାରାଗୁଡ଼ିକ ସଂଚାଳିତ ହୋଇ ପାରୁଥିବା ଭଳି ଢ଼ାଞ୍ଚାରେ ପ୍ରକଳ୍ପର ରୂପବିନ୍ୟାସ, ବାସସ୍ଥଳୀର ସୁରକ୍ଷା ଓ ପ୍ରଦୂଷଣ ନିୟନ୍ତ୍ରଣ ଉପରେ ଅଧିକ ମନୋନିବେଶ, ଯେଉଁଥିରେ କେନ୍ଦ୍ରୀୟ ପରିବେଶ ମନ୍ତ୍ରଣାଳୟର ପର୍ଯ୍ୟାପ୍ତ ଅନୁଭୂତି ରହିଛି । କିନ୍ତୁ ନର୍ଦ୍ଦମା ପାଣି ଓ ଶିଳ୍ପ ନିର୍ଗତ ବିଷାକ୍ତ ରାସାୟନିକ ଦ୍ରବଣମାନଙ୍କର ସମୁଦ୍ର ଅଭ୍ୟନ୍ତରକୁ ନିଷ୍କାସିତ ହେବା ଦ୍ୱାରା ପ୍ରବାଳ ଶିଳାମାଳାକୁ ଏହା କ୍ଷୟିତ ବିପର୍ଯ୍ୟସ୍ତ କରୁଛି ଯାହା ନିର୍ଦ୍ଦିଷ୍ଟ ପ୍ରାଦେଶିକ ଇଲାକାର ରାଜ୍ୟ ସ୍ତରୀୟ ନଗରାଞ୍ଚଳ ପରିମଳ ବ୍ୟବସ୍ଥା ଅନ୍ତର୍ଗତ ଏବଂ ଯାହା ଉପରେ ମନ୍ତ୍ରଣାଳୟର କୌଣସି ନିୟନ୍ତ୍ରଣ କ୍ଷମତା ନାହିଁ ଏବଂ ଏସବୁ ଦ୍ୱାରା ସାମୁଦ୍ରିକ ପରିପାର୍ଶ୍ୱିକ ପ୍ରକୃତିର ଭୟଙ୍କର ଅବକ୍ଷୟ ଘଟିଥାଏ । (ଖ) ଉପକୂଳ ସୁରକ୍ଷା ଭିତ୍ତିଭୂମି ପାଇଁ ପ୍ରକଳ୍ପର ଅଧିକ ପୁଞ୍ଜି ଲଗାଣ ଯଦିଓ ପରୋକ୍ଷ ଭାବେ ସାମର୍ଥ୍ୟ ନିର୍ମାଣ କାର୍ଯ୍ୟକ୍ରମ ସହ ସଂଶ୍ଳିଷ୍ଟ, ଏହାକୁ ବାତିଲ କରି ଦିଆଗଲା ଯେହେତୁ ଆଞ୍ଚଳିକ ସ୍ତରରେ ସମୁଦ୍ର ଉପକୂଳରୁ ବାଲୁକା ପରିବହନ ଦ୍ୱାରା ଏହା ଅନ୍ୟତ୍ର ସମୁଦ୍ର ବେଳାରେ ବୃହତ୍ତର ବିପଦ ସୃଷ୍ଟି କରୁଥିବା ପ୍ରସଙ୍ଗଟିକୁ କେହି ବୁଝି ପାରିଲେ ନାହିଁ ଏବଂ ଏହାର କାର୍ଯ୍ୟକାରିତା ପାଇଁ ସାଂଗଠାନିକ ସାମର୍ଥ୍ୟର ଅଭାବ (ଗ) ଉପକୂଳ ସଂରକ୍ଷଣ ଉପରେ ଅଧ୍ୟୟନ, ସଚେତନତା ଅଭିଯାନ ଏବଂ ପ୍ରଶିକ୍ଷଣ ମଧ୍ୟରେ କେବଳ ପ୍ରକଳ୍ପକୁ ସୀମାବଦ୍ଧ କରିବା - ମୁଖ୍ୟତଃ ରାଷ୍ଟ୍ରୀୟ ସ୍ତରରେ ଏବଂ ପ୍ରତିଟି ଉପକୂଳ ରାଜ୍ୟ ପାଇଁ ଭିନ୍ନ ଭିନ୍ନ ପଦ୍ଧତିର ଯଥା ସମ୍ଭବ ପ୍ରୟୋଗ । ଏହାକୁ ମଧ୍ୟ ବାତିଲ କରି ଦିଆଗଲା ଯେହେତୁ ଏହାର ଉପକୂଳ ଇଲାକାମାନଙ୍କର ଚିରସ୍ଥାୟୀ ବିକାଶ ସାଧନରେ ନାମମାତ୍ର ପ୍ରଭାବ ରହିବ ଏବଂ ସମନ୍ୱିତ ଉପକୂଳ ପରିଚାଳନା ଆଭିମୁଖ୍ୟର ଅଧିଗ୍ରହଣ (ବିଶ୍ୱସ୍ତରୀୟ ଅଭିଜ୍ଞତାମାନ ଯାହା ସୂଚାଉଛନ୍ତି) ପାଇଁ ଏହା ସହାୟକ ହେବ ନାହିଁ ଏବଂ ସେପରି ପାଇଁ ଭାରତ ସରକାରଙ୍କ ଅନୁରୋଧ

ନଥିଲା ।

**୪୬. ତିନୋଟି ଅଂଶୀଦାର ରାଜ୍ୟର ମନୋନୟନ, ଉପକୂଳ ବିସ୍ତୃତି କ୍ଷେତ୍ର ଓ ଅଗ୍ରିମ ପୁଞ୍ଜି ନିବେଶ :**

ଉପକୂଳ ଇଲାକାମାନଙ୍କର ରାଜ୍ୟ ବା ସ୍ଥାନୀୟ ପଞ୍ଚାୟତ ସ୍ତରୀୟ ପ୍ରଶାସନ ଦ୍ୱାରା ବିକେନ୍ଦ୍ରିତ ପରିଚାଳନା ପାଇଁ ଭାରତ ସରକାର ଗୁରୁତ୍ୱ ଦେଲେ ଓ ଅଭିନିବିଷ୍ଟ ହେଲେ । ସାମ୍ବିଧାନିକ କ୍ଷମତା ବଣ୍ଟନ ପରିପ୍ରେକ୍ଷୀରେ ଉଭୟ ଜମି ଓ ଜଳ ଯେହେତୁ ରାଜ୍ୟ ପ୍ରସଙ୍ଗ, ତେଣୁ କୌଣସି ବିକାଶ ମୂଳକ କିମ୍ବା ସଂରକ୍ଷଣ ଯୋଜନା ରାଷ୍ଟ୍ରୀୟ ସ୍ତରରେ ପ୍ରସ୍ତୁତ କି ପରିପ୍ରୟୋଗ ହୋଇ ପାରିବ ନାହିଁ । ରାଷ୍ଟ୍ରୀୟ ସରକାର ହୁଏତ ନୀତି ଓ ବିଧି ବିଧାନ ପ୍ରଣୟନ କରିପାରିନ୍ତି (ଯେଯାଏ କ୍ଷମତା ପରିସର ଲାଗୁ ହେଉଛି ସେଯାଏ ରାଜ୍ୟ ଦ୍ୱାରା ଅନୁମୋଦନ ମଞ୍ଜୁରୀକରଣ କରାଯିବା ସର୍ତ୍ତରେ), ମାତ୍ର ସମନ୍ୱିତ ଉପକୂଳ ଇଲାକା ପରିଚାଳନା (ଆଇ.ସି.ଜେଡ୍.ଏମ୍.)ର ପରିପ୍ରୟୋଗ ରାଜ୍ୟ / ସ୍ଥାନୀୟ ସ୍ତରରେ କରାଯିବ । ଭାରତରେ ସଉଇପ ଭଳି ଆଭିମୁଖ୍ୟର କାର୍ଯ୍ୟକାରୀତା ନେଇ ଏକ ପ୍ରକଳ୍ପର କୌଣସି ପ୍ରଭାବ ରହିବ ନାହିଁ ଯଦି ଏହା ରାଜ୍ୟ / ସ୍ଥାନୀୟ ପ୍ରଶାସନ ସ୍ତରରେ ପରିଚାଳିତ ନ ହୁଏ । ଆନ୍ତର୍ଜାତିକ ସ୍ତରୀୟ ଅଭିଜ୍ଞତାମାନ ମଧ୍ୟ କହୁଛନ୍ତି ଯେ ଉପକୂଳ ଇଲାକାମାନଙ୍କର ଦୀର୍ଘସ୍ଥାୟୀ ପରିଚାଳନା କିମ୍ବା ସଂରକ୍ଷଣ କାର୍ଯ୍ୟ ସେଯାଏ ସଫଳ ହୋଇ ନଥିଲା ଯେ ପର୍ଯ୍ୟନ୍ତ ସଉଇପର ଗୃହୀତ ନୀତିମାନଙ୍କର ପ୍ରତ୍ୟକ୍ଷ ସୁଫଳକୁ ସ୍ଥାନୀୟ ସ୍ତରରେ ପ୍ରଦର୍ଶିତ ହୋଇ ପାରି ନଥିଲା ।

୪୭. ପ୍ରଯୁର୍ଯ୍ୟ ଓ ସଙ୍ଗତ ଅଂଶୀଦାରମାନଙ୍କ ମଧ୍ୟରେ ଆଲୋଚନା ପରାମର୍ଶ ମାଧ୍ୟମରେ ଅଗ୍ରିମ ପୁଞ୍ଜିନିବେଶ ପାଇଁ ନିର୍ଣ୍ଣୟ ପଦ୍ଧତି ନିରୂପିତ ହେଲା । ପ୍ରାକୃତିକ ପାରିପାର୍ଶ୍ୱିକ ସମ୍ବଳ ଓ ସାଂସ୍କୃତିକ ଐତିହ୍ୟ ସ୍ଥଳୀର ସଂରକ୍ଷଣ, ଉପକୂଳ ଇଲାକା ଜନ ସଂପ୍ରଦାୟମାନଙ୍କ ଜୀବିକା ବକାଶ କାର୍ଯ୍ୟକ୍ରମ ଯାହା ମଧ୍ୟରେ ଅନ୍ତର୍ଭୁକ୍ତ ହୋଇଛି ଯେଉଁ ଯେଉଁ ସ୍ଥାନରେ ପାରଂପରିକ ଜୀବିକା ବୃତ୍ତି ହ୍ରାସ ପାଉଛି ସେଠାରେ ବିକଳ୍ପ ଜୀବିକାର ବ୍ୟବସ୍ଥା କରାଇବା, ପ୍ରଦୂଷଣ ନିୟନ୍ତ୍ରଣ କିମ୍ବା ପ୍ରଶମନ ଭଳି ପ୍ରସଙ୍ଗରେ ପ୍ରଦର୍ଶନକାରୀ ପୁଞ୍ଜି ନିବେଶର ସମ୍ଭାବନା ରଖାଗଲା । ଅଗ୍ରିମ ପୁଞ୍ଜି ନିବେଶର ରୂପରେଖରେ ଆନ୍ତଃ - ବିଭାଗୀୟ ସମନ୍ୱୟର ସ୍ୱଷ୍ଟ ପ୍ରଦର୍ଶନ, ଜନଗୋଷ୍ଠୀଙ୍କ ସହ ସଂପୃକ୍ତି, ଲିଙ୍ଗ, ଦାରିଦ୍ର୍ୟ ଓ ଲାଭାଂଶ ପ୍ରସଙ୍ଗମାନଙ୍କୁ ପ୍ରାଧାନ୍ୟ ପ୍ରଦାନ ଉପରେ ଧ୍ୟାନ କେନ୍ଦ୍ରିତ କରାଗଲା । ଯେତେଦୂର ସମ୍ଭବ ପ୍ରତ୍ୟେକ ଅଗ୍ରିମ ପୁଞ୍ଜି ନିବେଶର ରୂପରେଖା ଭୌତିକ, ପରିବେଶଗତ ଓ ଆର୍ଥିକ ସ୍ଥାୟୀତ୍ୱକୁ ପ୍ରଦର୍ଶିତ କରିବା, ଗୁଣାତ୍ମକ ମାନ ନିୟନ୍ତ୍ରଣ, କାର୍ଯ୍ୟକାରୀତା ଓ ରକ୍ଷଣାବେକ୍ଷଣ ପାଇଁ ଆର୍ଥିକ ଓ ମାନବ ସମ୍ବଳର ସ୍ୱଷ୍ଟ ଉପସ୍ଥାପନ ପ୍ରଭୃତିର ଆବଶ୍ୟକତା ଉପରେ ଅଧିକ ଧ୍ୟାନ ଦେଲେ । ନିମ୍ନଲିଖିତ ସଂପୃକ୍ତିଗୁଡ଼ିକୁ ବିଚାର

କରି ପ୍ରକଳ୍ପ ପ୍ରସ୍ତାବର ବିକଳ୍ପ ଗୁଡ଼ିକର ମୂଲ୍ୟାୟନ ହୋଇଥିଲା :

କ) ପ୍ରକଳ୍ପର କାର୍ଯ୍ୟକାରୀତା ପାଇଁ ପରୀକ୍ଷାମୂଳକ ଭାବେ ନିର୍ବାଚିତ ତିନୋଟି ରାଜ୍ୟ ହେଉଛନ୍ତି ସାଧାରଣ ଭାବେ ଚରିତ୍ରରେ ଖୁବ୍ ଜଟିଳ ଯେଉଁଠାରେ ତୁଳନାତ୍ମକ ଭାବେ ପ୍ରମୁଖ ଓ ଅଧିକମାତ୍ରାର ବିରୋଧାଭାଷମାନ ରହିଛି ଯାହା ଅଧିକ ପ୍ରତିକୂଳ ପ୍ରଭାବ ପକାଇବାର ଆଶଙ୍କା ରହିଛି ।

ଖ) ପରୀକ୍ଷାମୂଳକ ପୁଞ୍ଜି ନିବେଶକୁ ସ୍ୱଳ୍ପ ଗୁରୁତ୍ୱ ଦିଆଯାଇଛି ଯେଉଁଠି ପ୍ରସ୍ତାବିତ ଅର୍ଥ ବିନିଯୋଗର ସଫଳତାର ମୁଖ୍ୟ ଆଧାର ହେଉଛି ଆନ୍ତଃ-କ୍ଷେତ୍ରୀୟ ସମନ୍ୱୟ / ସମନ୍ୱିତ ଉପକୂଳ ଇଲାକା ପରିଚାଳନା ଆଭିମୁଖ୍ୟକୁ ଆପଣେଇ ନେବାର ଅଭିପ୍ରାୟକୁ ସାକାର କରିବା ପାଇଁ ଦରକାର ଏହି ସବୁ କାର୍ଯ୍ୟକ୍ରମର ସଫଳତାରୁ ଉପଲବ୍ଧ ହେବ ସାଂଗଠାନିକ ଗଠନ ଶୈଳୀ ଓ ପର୍ଯ୍ୟାପ୍ତ ଅଭିଜ୍ଞତା ।

ଗ) ପରିବେଶଗତ ପ୍ରସଙ୍ଗ ଓ ଏହା ସହିତ ଯୋଡ଼ି ହୋଇଥିବା ସମସ୍ୟାମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ବିଚାର କରି ସେହି ଆଧାର ଉପରେ ଉପକୂଳର ଅଗ୍ରପ୍ରଧାନ ବିସ୍ତୃତି କ୍ଷେତ୍ରଗୁଡ଼ିକ ରାଜ୍ୟ ସରକାରମାନଙ୍କ ଦ୍ୱାରା ନିର୍ଣ୍ଣିତ ହୋଇଛି ।

## ୧.୭. ପରିବେଶଗତ ଓ ସାମାଜିକ ପରିଚାଳନା ଯୋଜନା

୪୮. ସବିସ୍ତୃତ ଏକ ପରିବେଶଗତ ଓ ସାମାଜିକ ପରିଚାଳନା ଯୋଜନା (ଇ.ଏସ୍.ଏମ୍.ପି.) ପ୍ରସ୍ତୁତ କରାଯାଇଛି ଏବଂ ଏହା ସହିତ ପ୍ରକଳ୍ପର ସମସ୍ତ ଉପାଦାନ ପାଇଁ ନିର୍ଦ୍ଦେଶକ-ବ୍ୟକ୍ତିଙ୍କୁ ସତର୍କ କରାଇ ଦେବା ତଥା ଏସବୁ ସମ୍ବନ୍ଧରେ ବିବରଣୀ ପ୍ରଦାନର ଦାୟିତ୍ୱ ସଂପନ୍ନ ହୋଇଛି । ଦୀର୍ଘସୂତ୍ରୀ ଲାଭ ପ୍ରାପ୍ତିକୁ ସର୍ବୋଚ୍ଚ କରିବା ଏବଂ ସାଂଗଠାନିକ ସ୍ଥାୟୀତ୍ୱ ତଥା ଅଦରକାରୀ ସଂଘର୍ଷଗୁଡ଼ିକୁ ଏଡ଼େଇ ଯିବାକୁ ଆଖି ଆଗରେ ରଖି ପ୍ରତ୍ୟେକ ଉପ-ଉପାଦାନ ବା କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି । ଏହି ଇ.ଏସ୍.ଏମ୍.ପି. (ESMP) ମଧ୍ୟରେ ଅନ୍ତର୍ଭୁକ୍ତ (i) ଅଦରକାରୀ ପ୍ରସଙ୍ଗଗୁଡ଼ିକର ପୁନରାବୃତ୍ତି ନଘଟିବା ଉପରେ ନିଶ୍ଚିତତା ଆଣିବାକୁ ମନିଟରିଂ ବ୍ୟବସ୍ଥା (ii) ସଜାଗ-ସତର୍କତା ଓ ମୂଲ୍ୟାୟନ ସହିତ ସାମାଜିକ ସମୀକ୍ଷା ଓ ତୃତୀୟ-ପକ୍ଷର ଯାଞ୍ଚ ବ୍ୟବସ୍ଥା (iii) ପ୍ରଶମନ ଓ ପରିଚାଳନା ଯୋଜନା (iv) ଅଭିଯୋଗର ଶୁଣାଣି ଓ ନିରାକରଣ ବ୍ୟବସ୍ଥା (v) ପର୍ଯ୍ୟାପ୍ତ ଭାବେ ବିତ୍ତ ଶୃଙ୍ଖଳା ଓ ବିତ୍ତୀୟ ଆକଳନ (vi) ପ୍ରକଳ୍ପର ପରିପ୍ରୟୋଗକୁ ସଜାଗ ରହି ତଦାରଖ କରିବା ନିମନ୍ତେ ଯଥେଷ୍ଟ କର୍ମଚାରୀ ନିଯୁକ୍ତି

## ୪୯. ପରିବେଶୀୟ ସମସ୍ୟା ସହିତ ଯୋଜନା ରୂପାୟନର ସମନ୍ୱୟ :

ଉପଯୁକ୍ତ ଯୋଜନା ପ୍ରସ୍ତୁତି କରିବା ପାଇଁ ଭାରତ ସରକାରଙ୍କ ସଂରକ୍ଷଣ ଏବଂ ଉପକୂଳ ଇଲାକାର ଦୀର୍ଘସ୍ଥାୟୀ ପରିଚାଳନା ଦ୍ୱାରା ଉପରୋକ୍ତ ପରିବେଶ ଏବଂ ସାମାଜିକ ସମସ୍ୟା ଗୁଡ଼ିକୁ ସମାଧାନ କରିବା । ଏଣୁ ସାଧାରଣତଃ ଯୋଜନାର ପରିବେଶୀୟ ପ୍ରଭାବ ସାକାରତ୍ମକ, ଲାଭଦାୟକ ଏବଂ ଦୀର୍ଘସ୍ଥାୟୀ ଲକ୍ଷ ଏହାର ଉଦ୍ଦେଶ୍ୟ । ତେବେ ଯଦି ଯୋଜନାର କାର୍ଯ୍ୟକ୍ରମ ଗୁଡ଼ିକ ଯତ୍ନ ସହକାରେ ପ୍ରସ୍ତୁତ ନ କରାଯାଏ ତେବେ ତାହା ସ୍ଥାନୀୟ ପରିବେଶ ସମ୍ବଳକୁ ନଷ୍ଟ କରିବାର ସମ୍ଭାବନା ରହିଛି । ତେଣୁ ଯୋଜନା ପ୍ରସ୍ତୁତି ସମୟରେ ପରିବେଶକୁ ନଷ୍ଟ କରୁଥିବା ଉପାଦାନ ଗୁଡ଼ିକ ଉପରେ ଯଥେଷ୍ଟ ଦୃଷ୍ଟି ଦିଆଯାଇଛି । ପ୍ରତ୍ୟେକ କାର୍ଯ୍ୟକ୍ରମରେ ଉପକୃତ ଏବଂ ଆନୁଷ୍ଠାନିକ ସ୍ଥାୟିତ୍ୱ ପାଇଁ ବିହିତ ପରିକଳ୍ପନା କରାଯାଇଅଛି । ସମସ୍ତ ବିନିଯୋଗ ଗୁଡ଼ିକୁ ଉପକୂଳ ଅଞ୍ଚଳର ପ୍ରାଚୀନ ପ୍ରାକୃତିକ ସମ୍ପଦର ସୁରକ୍ଷା ନିମନ୍ତେ ଧ୍ୟାନ ଦିଆଯାଇଅଛି । ଉପକୂଳ ଅଞ୍ଚଳର ବାସିନ୍ଦାମାନଙ୍କୁ ପରିବେଶ ଜନିତ ସମସ୍ତ ପ୍ରକାର ସୁବିଧା ସହିତ ଏହାର ସୁରକ୍ଷା ଉପରେ ଧ୍ୟାନ ଦିଆଯାଇଅଛି ।

## ୫୦. ପ୍ରାକୃତିକ ବାସସ୍ଥଳୀ, ଜାତୀୟ ଉଦ୍ୟାନ, ବନ୍ୟଜନ୍ତୁ ଆଶ୍ରୟସ୍ଥଳ :

ପ୍ରାକୃତିକ ଆଶ୍ରୟ ସ୍ଥଳୀକୁ ନଷ୍ଟ କରିବା ଭଳି ଯୋଜନା କାର୍ଯ୍ୟକ୍ରମ ନିଆଯିବ ନାହିଁ । ଯୋଜନା ମାଧ୍ୟମରେ କୌଣସି କାର୍ଯ୍ୟକ୍ରମ ନିଆଯିବ ନାହିଁ ଯାହା ନିମ୍ନଲିଖିତ ବିଷୟ ପ୍ରତି ବିପଦ ପହଞ୍ଚାଇବ ।

କ) ଜଳ କିମ୍ବା ଜମିର ବ୍ୟବହାର ପ୍ରାକୃତିକ ବାସସ୍ଥଳୀର ଅଖଣ୍ଡତା ନଷ୍ଟ କରିବା ।

ଖ) ପୃଷ୍ଟ ଭୂମି ସଫା  ନକରିବା ।

ଗ) ପ୍ରାକୃତିକ ବୃକ୍ଷରାଜିକୁ ନଷ୍ଟ ନକରିବା ।

ଘ) ପ୍ରାକୃତିକ ବାସସ୍ଥଳୀ ଗୁଡ଼ିକୁ ବନ୍ୟାଦ୍ୱାରା ପ୍ଲାବିତ ନ କରିବା ।

ଙ) ଜଳାଭୂମି ମାନଙ୍କରେ ନାଳ ସୃଷ୍ଟି ନ କରିବା, ନ ପୋତିବା କିମ୍ବା ନ ଖୋଳିବା ।

ଯୋଜନା କୌଣସି ପ୍ରକାର ନିର୍ମାଣ କରି କ୍ଷତି ପହଞ୍ଚାଇବାକୁ ଉତ୍ସାହିତ କରେ ନାହିଁ । ସ୍ଥାନୀୟ ବୃକ୍ଷରାଜି ଉପରେ କୌଣସି ପ୍ରଭାବ ନ ପକାଇବା ପାଇଁ ଯତ୍ନ କରାଯାଇଛି । ସୁରକ୍ଷିତ ଅଞ୍ଚଳ ମାନଙ୍କର କ୍ଷୁଦ୍ର ବାସସ୍ଥଳୀ ଗୁଡ଼ିକୁ କୌଣସି କ୍ଷତି ନ ପହଞ୍ଚାଇବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି । ଦୀର୍ଘସୂତ୍ରୀ ସଂରକ୍ଷଣ ନିମିତ୍ତ ଦକ୍ଷତା ବୃଦ୍ଧି ପାଇଁ ଯୋଜନାରେ କାର୍ଯ୍ୟକ୍ରମ

ପ୍ରସ୍ତୁତ କରାଯାଇଛି । ଉପକୂଳ ଇଲାକାର ପ୍ରାକୃତିକ ସମ୍ପଦ ଉପର ତୃତୀୟ ପକ୍ଷର ପ୍ରଭାବକୁ ତଦାରଖ କରିବାକୁ ଯୋଜନାରେ ସ୍ଥାନ ଦିଆଯାଇଅଛି । ଏବଂ ଯଦି କୌଣସି ତୃତୀୟ ପକ୍ଷର ହସ୍ତକ୍ଷପ ହୁଏ ତେବେ ଯଥାଶୀଘ୍ର ବିହିତ ବ୍ୟବସ୍ଥା ଗ୍ରହଣ କରାଯିବ । ଯଥା: କ୍ଷତିକୁ ଭରଣା କରିବା ପାଇଁ ଅନ୍ୟ ଉଦ୍‌ବୃତ୍ତ ଅଞ୍ଚଳରୁ ସମ୍ବଳ ଭରଣା କରିବା ।

**୫୧. ଜଙ୍ଗଲ ଉଦ୍ଭିଦ ଏବଂ ଜୀବଜନ୍ତୁ :**

ନିମ୍ନଲିଖିତ ବିଷୟମାନ ଯୋଜନା ଅନ୍ତର୍ଭୁକ୍ତ

କ) କୌଣସି ଜଙ୍ଗଲ କାଟିବା ମନା ।

ଖ) କୌଣସି ଜଙ୍ଗଲର ମାନ ହ୍ରାସ ।

ଗ) ଜଙ୍ଗଲ ଉପରେ ସ୍ଥାନୀୟ ଅଧିବାସୀଙ୍କର ଅଧିକାର ବୃଦ୍ଧିତା ହ୍ରାସ ।

ଘ) ଜଙ୍ଗଲର ପରିଚାଳନା, ସୁରକ୍ଷା ଏବଂ ଉପଯୋଗରେ ପରିବର୍ତ୍ତନ ନ ଆଣିବା ।

ସମସ୍ତ ଲୁଣା ଜଙ୍ଗଲ ଏବଂ ସୁରକ୍ଷା ବଳୟ ବୃକ୍ଷରୋପଣ କାର୍ଯ୍ୟକ୍ରମ ଜଙ୍ଗଲ ଥିବା ଅଞ୍ଚଳରେ କରାଯିବ ନାହିଁ । ଯୋଜନାର ନିମ୍ନଲିଖିତ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ହେବ ନାହିଁ । ଯଥା :-

କ) ଜଙ୍ଗଲ ଉପରେ ପ୍ରଭାବ (ଲୁଣା ଏବଂ ସୁରକ୍ଷା ବଳୟ ଜଙ୍ଗଲ)

ଖ) ଯୋଜନା ପରିସରରେ ଥିବା ଜଙ୍ଗଲର ସ୍ଥାନୀୟ ଅଧିବାସୀମାନଙ୍କର କଲ୍ୟାଣ ଏବଂ ଅଧିକାର ସହିତ ନିର୍ଭରଶୀଳତାର କୁପ୍ରଭାବ ।

ସମୁଦ୍ର ଧାର ପରୀକ୍ଷା ନିରୀକ୍ଷା ଅଞ୍ଚଳକୁ ଅନ୍ତର୍ଭୁକ୍ତ କରାଯାଇନାହିଁ । ଲୁଣା ଜଙ୍ଗଲ ଏବଂ ସୁରକ୍ଷାବଳୟ ବୃକ୍ଷରୋପଣ ଗୋଷ୍ଠି ଦ୍ୱାରା ପରିଚାଳିତ ଯାହା ବ୍ୟାଙ୍କ ଯୋଜନାଦ୍ୱାରା ଭାରତ ବର୍ଷରେ ପ୍ରବର୍ତ୍ତିତ । ରାଜସ୍ୱ ଓ ଜଙ୍ଗଲ ଜମିରେ ଲୁଣା ଜଙ୍ଗଲ ସୃଷ୍ଟି କରାଯିବ । କୌଣସି ଜଙ୍ଗଲ ଥିବା ସ୍ଥାନରେ ଲୁଣା ଜଙ୍ଗଲ କିମ୍ବା ସୁରକ୍ଷା ବଳୟ ସୃଷ୍ଟି କରାଯିବ ନାହିଁ । ଲୁଣା ଜଙ୍ଗଲ ଏବଂ ସୁରକ୍ଷା ବଳୟ ପାଇଁ ଜଙ୍ଗଲ ସୁରକ୍ଷା ଆଇନର ଆବଶ୍ୟକତା ନାହିଁ । କୌଣସି ରାସାୟନିକ ରୋଗପୋକ ତୃଣନାଶକ ପଦାର୍ଥକୁ ବୃକ୍ଷରୋପଣ କିମ୍ବା ତୃଣବିନାସରେ ବ୍ୟବହାର କରାଯିବ ନାହିଁ ।

## ୫୨. **ସାଂସ୍କୃତିକ ସମ୍ପଦ :**

କୌଣସି ସାଂସ୍କୃତିକ ସମ୍ପଦ ଉପରେ ଯୋଜନା ଦ୍ୱାରା ପ୍ରତ୍ୟେକ୍ଷ ଭାବେ ବିପରୀତ ପ୍ରଭାବ ପକାଇବ ନାହିଁ । କୌଣସି ପ୍ରଦୂଷଣ କିମ୍ବା ମୃତ୍ତିକା ଖନନ କାର୍ଯ୍ୟରେ ଯୋଜନା ଜଡ଼ିତ ହୋଇ ନାହିଁ ଯାହା ପ୍ରଭାବିତ କରିପାରେ । ଆଠଟି ପରିତ୍ୟକ୍ତ ସାଂସ୍କୃତିକ ସମ୍ପଦକୁ ପୁନଃରୁଦ୍ଧାର ଏବଂ ସଂରକ୍ଷଣ କରାଯିବା ପାଇଁ ଯୋଜନା ରହିଛି । ଯଦିଓ କୌଣସିଟି ଜାତୀୟ ସମ୍ପଦ ନୁହେଁ । ଦ୍ୱାରକା ଗୁରୁରାଟ ଏବ ଦୀଘା ପଶ୍ଚିମବଙ୍ଗରେ ସାଂସ୍କୃତିକ ସମ୍ପଦକୁ ପୁନଃରୁଦ୍ଧାର ଏବଂ ସଂରକ୍ଷଣ ଏହି ଯୋଗନାର ଅନ୍ତର୍ଭୁକ୍ତ । ସମସ୍ତ ପତ୍ନତାତ୍ତ୍ୱିକ ପୁନରୁଦ୍ଧାର ଏବଂ ସଂରକ୍ଷଣ କାର୍ଯ୍ୟ ବିଜ୍ଞ ତଦାରଖକାରୀ ଏବଂ କାରୀଗର ମାନଙ୍କ ଦ୍ୱାରା କରାଯିବ । ପ୍ରତ୍ନତାତ୍ତ୍ୱିକ ସଂରକ୍ଷଣ ଏବଂ ପୁନରୁଦ୍ଧାର କାର୍ଯ୍ୟକ୍ରମ ବୃତ୍ତିଗତ ବିଜ୍ଞ ସଂସ୍ଥା ଏବଂ ବ୍ୟକ୍ତି ବିଶେଷଜ୍ଞ ଦ୍ୱାରା ତଦାରଖ କାର୍ଯ୍ୟକୁ ପ୍ରୋତ୍ସାହିତ କରାଯିବ । ଏତଦ୍ ବ୍ୟତୀତ ଯୋଜନାର କାର୍ଯ୍ୟକ୍ରମ ଗୁଡ଼ିକ କାର୍ଯ୍ୟକାରୀ କଲାବେଳେ ଏହାର ସାଂସ୍କୃତିକ ମୂଲ୍ୟବୋଧକୁ ଅଗ୍ରାଧିକାର ଦିଆଯିବ ।

## ୫୩. **ଉପକୂଳ ଦରିଦ୍ର ପ୍ରପୀଡ଼ିତ ଅଧିବାସୀ ଯୋଜନାରେ ଅନ୍ତର୍ଭୁକ୍ତ ନିମିତ୍ତ ପ୍ରାଧାନ୍ୟ ଦିଆଯାଇଅଛି ।**

ଯୋଜନା ପ୍ରସ୍ତୁତିରେ ଉପକୂଳ ଅଧିବାସୀ ମାନଙ୍କର ଭାଗୀଦାର ଏବଂ ମହିଳା ମାନଙ୍କର ସମସ୍ୟାକୁ ଅଧିକ ଗୁରୁତ୍ୱ ଦିଆଯାଇଛି । STATE P.E.A.S ସମସ୍ୟାର ସମାଧାନ ପାଇଁ ଏହି କାର୍ଯ୍ୟକ୍ରମ ଗୁଡ଼ିକ ପାଇଁ ପ୍ରସ୍ତାବ ରଖିଛନ୍ତି । ଜାତୀୟ ରାଜ୍ୟ ଏବଂ ଗ୍ରାମ ସ୍ତରରେ ଉପଭୋକ୍ତା ମାନଙ୍କ ସହିତ ଆଲୋଚନା କରାଯାଇ ସେମାନଙ୍କର ସମସ୍ୟା ସମାଧାନର ବ୍ୟବସ୍ଥା ଗ୍ରହଣ କରାଯାଇଅଛି । ସ୍ଥାନୀୟ ଅଧିବାସୀମାନଙ୍କର ଉନ୍ନତ ଜୀବନ ଜୀବିକା ଧାରଣ ନିମିତ୍ତ ବହୁ ଆର୍ଥିକ ଯୋଜନା ଗୋଷ୍ଠି ସ୍ତରୀୟ ଅନୁଷ୍ଠାନ ମାନଙ୍କ ମାଧ୍ୟମରେ ଗ୍ରହଣ କରାଯାଇଅଛି । ସମନ୍ୱିତ ଉପକୂଳ ଇଲାକା ପରିଚାଳନା ଯୋଜନାରେ ଏହି ପ୍ରସ୍ତାବ ଗୁଡ଼ିକ ଆଗାମୀ ଦିନ ପାଇଁ ଚାଲୁ ରହିବ । ସ୍ଥାନୀୟ ଅଧିବାସୀମାନଙ୍କର ଜୀବନ ଜୀବିକାରା ସୁରକ୍ଷା ନିମିତ୍ତ ଦୃଷ୍ଟି ଦିଆଯାଇଅଛି । ନିର୍ଦ୍ଧାରିତ ହୋଇ ଥିବା ନୀତିନିୟମ ଅନୁଯାୟୀ ଉପଭୋକ୍ତା ଚିହ୍ନଟ କରାଯିବ । ଯୋଜନାର ସ୍ୱଚ୍ଛତା ନିମିତ୍ତ ସ୍ଥାନୀୟ ଖବର କାଗଜରେ ପ୍ରଚାର ପ୍ରକାଶ କରାଯିବ । ଉକ୍ତ ଯୋଜନାରେ ଅଧିବାସୀ ଲୋକମାନଙ୍କର ସ୍ଥାନୀୟ ସଂରକ୍ଷଣ ଓ ସେମାନଙ୍କର ଜୀବନ ଜୀବିକାର ଉନ୍ନତି ନିମିତ ଗ୍ରାମ୍ୟ ସ୍ଥରରେ ଯୋଜନା ପ୍ରସ୍ତୁତି ଏବଂ ତାହାର କାର୍ଯ୍ୟକାରୀ କରାଯିବ । ନିର୍ବିଶେଷରେ ଲିଙ୍ଗଭେଦ ଲକ୍ଷ ପରିପୂରଣ ନିମିତ୍ତ ଏହି ଯୋଜନାରେ ପ୍ରାଧାନ୍ୟ ଦିଆଯାଇଛି । ମହିଳା ମାନଙ୍କର ଆବଶ୍ୟକତା ପୂରଣ ନିମିତ୍ତ ସମସ୍ତ କାର୍ଯ୍ୟ କ୍ରମରେ ଆର୍ଥିକ ସହାୟତାର ପ୍ରସ୍ତାବ ରହିଛି । ପଶ୍ଚିମବଙ୍ଗ ଏବଂ ଓଡ଼ିଶାର ମତ୍ସ୍ୟଜୀବି ମହିଳାମାନଙ୍କର ମତ୍ସ୍ୟ

ଏବଂ ମତ୍ସ୍ୟ ପ୍ରସ୍ତୁତ ଅନ୍ୟାନ୍ୟ ସାମଗ୍ରୀ ବିକ୍ରୟ ନିମିତ୍ତ ବଜାର ସୃଷ୍ଟି କରିବା ଏହି ଯୋଜନାର ଲକ୍ଷ ।

## ୫୪. ଆଦିବାସୀ ମାନଙ୍କର ସାମାଜିକ ବିଶ୍ଳେଷଣ :

ଆଦିବାସୀ ଶ୍ରେଣୀକୁ ଏହି ଯୋଜନାର ପ୍ରଧାନ ଉପଭୋକ୍ତା ଭାବରେ ଗ୍ରହଣ କରାଯାଇଅଛି । ବିଭିନ୍ନ ଅଧ୍ୟୟନ ମାଧ୍ୟମରେ ଜଣାଯାଇଅଛି ଯେ - ଆଦିବାସୀମାନେ ସଂଗଠିତ ଭାବେ ଭାରତରେ ବାସ କରନ୍ତି । ୨୬୭ଟି ଗ୍ରାମରେ ଆଦିବାସୀ ମାନଙ୍କ ପାଇଁ ସେମାନଙ୍କର ସାଂସ୍କୃତିକ କାର୍ଯ୍ୟକ୍ରମ ବ୍ୟତୀତ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ କରାଯିବ ନାହିଁ । ୨୬୭ଟି ଗ୍ରାମ ମଧ୍ୟରୁ କେବଳ ଗୁଜୁରାଟର ଗୋଟିଏ ଗ୍ରାମରେ ୮୭% ଆଦିବାସୀ ଜନବସତି ରହିଛି । ଗ୍ରାମବାସୀମାନଙ୍କ ଦ୍ୱାରା ଉପସ୍ଥାପନା ହୋଇଥିବା, ସେମାନଙ୍କ ଯୋଜନା ସଂସ୍କୃତି ଭିତ୍ତିକ ହୋଇଥାଏ । ଅନ୍ୟ ଗ୍ରାମମାନଙ୍କରେ ଆଦିବାସୀ ଜନସଂଖ୍ୟା ବହୁତ କମ୍ । ୨୦୫ଟି ଗ୍ରାମରେ ୧% ରୁ କମ୍, ୩୬ଟି ଗ୍ରାମରେ ୧-୫%, ୯ଟି ଗ୍ରାମରେ ୫-୧୦%, ୧୨ଟି ଗ୍ରାମରେ ୧୦-୨୫%, ୪ଟି ଗ୍ରାମରେ ୨୫-୫୦% । ତେଣୁ ପ୍ରତ୍ୟେକ ଗ୍ରାମ୍ୟ ଯୋଜନାରେ ଆଦିବାସୀମାନଙ୍କର ପ୍ରତିନିଧିତ୍ୱ ରହିବା ସହିତ ସେମାନଙ୍କ ଉନ୍ନତି ନିମିତ୍ତ ଯୋଜନାରେ କାର୍ଯ୍ୟକ୍ରମର ପ୍ରସ୍ତାବ ସ୍ଥାନ ପାଇବ ।

## ୫୫. ଅନିଚ୍ଛାକୃତ ପୁନଃବସତି କରଣ :

ଉକ୍ତ ଯୋଜନାରେ ବାଧ୍ୟତା ମୂଳକ ପୁନଃ ବସତି କରଣକୁ କମେଇ ଦିଆଯାଇଅଛି । ଉକ୍ତ ଯୋଜନାରେ ଜମି ଅଧିକରଣକୁ ସ୍ଥାନ ଦିଆଯାଇ ନାହିଁ । ଏହି ଯୋଜନାରେ ଲୁଣା ଜଙ୍ଗଲ ଏବଂ ସୁରକ୍ଷାବଳୟ ବୃକ୍ଷରୋପଣ ପାଇଁ ଜଙ୍ଗଲ ଏବଂ ରାଜସ୍ୱ ଜମିକୁ ବ୍ୟବହାର କରାଯିବ । ଓଡ଼ିଶାରେ ଏହି କାର୍ଯ୍ୟକ୍ରମ ପାଇଁ ୧୬୮ ହେକ୍ଟର ଗ୍ରାମ୍ୟଜଙ୍ଗଲ କିସମ EDCs ଙ୍କ ମତରେ ସ୍ଥିରୀକୃତ ହୋଇଛି । ସରଜମିନ୍ ତଦନ୍ତରେ ୧୫,୫୦୦ ହେକ୍ଟର ରାଜସ୍ୱ ଏବଂ ଜଙ୍ଗଲ ଜମି କାହାରି ଅଧିକାର ନଥିବା ଜଣାଯାଇଛି । ସ୍ୱେଚ୍ଛାକୃତ ଦାନଜମିର ବିବରଣୀ ତାଲିକା ପ୍ରସ୍ତୁତ କରି ଗ୍ରାମ ପଞ୍ଚାୟତ ଅଫିସ ମାନଙ୍କ ମାଧ୍ୟମରେ ଜନସାଦାରଣଙ୍କୁ ଜଣାଇ ଦିଆଯାଇଅଛି । ଯଦିଓ କାହାର ଅଭିଯୋଗ ହସ୍ତଗତ ହୋଇନାହିଁ, ଯେ ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ଗୁଡ଼ିକ କାର୍ଯ୍ୟକାରୀ ନହୋଇଛି, ଜବର ଦଖଲ ଗୁଡ଼ିକର ପ୍ରକୃତ ହିସାବ ମିଳବ ନାହିଁ । ଆବଶ୍ୟକ ସ୍ଥଳରେ ଜାତୀୟ ପୁର୍ନଃବସତି ଏବଂ ପୁର୍ନଃବାସ ନୀତି ୨୦୭କୁ ଅନୁସରଣ କରି ଏହି ପରିପ୍ରେକ୍ଷୀରେ ନିୟମ ଅନୁଯାୟୀ ବିହିତ ବ୍ୟବସ୍ଥା ଗ୍ରହଣ କରିବା ନିମିତ୍ତ ପ୍ରସ୍ତାବ ରଖାଯାଇଅଛି ।

**୫୬. ସମନ୍ୱିତ ଉପକୂଳ ଇଲାକା ପରିଚାଳନା ଯୋଜନା :**

କଚ୍ଛପ କୂଳ (ଗୁଜୁରାଟ), ପାରାଦ୍ୱୀପ - ଧାମରା, ଗୋପାଳପୁର ଚିଲିକା (ଓଡ଼ିଶା) ଏବଂ ସମଗ୍ର ପଶ୍ଚିମ ବଙ୍ଗର ଉପକୂଳ ଅଞ୍ଚଳ ସମନ୍ୱିତ ଉପକୂଳ ଇଲାକା ପରିଚାଳନା ଯୋଜନାରେ ଆର୍ôଥିକ ସହାୟତା ପାଇଁ ପ୍ରସ୍ତାବ ରଖାଯାଇଅଛି । ଉପକୂଳ ବାସୀମାନଙ୍କର ଜୀବନ ଏବଂ ସମ୍ପତ୍ତିର ସୁରକ୍ଷା ଏହି ସମନ୍ୱିତ ଉପକୂଳ ଇଲାକା ପରିଚାଳନା ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ । ଏହି ଯୋଜନାର ପ୍ରତ୍ୟେକ କାର୍ଯ୍ୟକ୍ରମ ଗୁଡ଼ିକ ଆଞ୍ଚଳିକ ଭିତ୍ତିରେ ପ୍ରସ୍ତୁତି କରାଯିବ । ଅନିଚ୍ଛାକୃତ ପୁନଃର୍ବାସ ଗୁଡ଼ିକ ଏହି ଯୋଜନା ମାଧ୍ୟମରେ ଚିହ୍ନଟ କରାଯାଇ ପାରିବ । ଏହି ପରିପ୍ରେକ୍ଷୀରେ ବିଶ୍ୱବ୍ୟାଙ୍କର (୦୧୪.୧୨)ର ନିତୀ ନିୟମକୁ ପାଥେୟ କରି ସମନ୍ୱିତ ଉପକୂଳ ଇଲାକା ପରିଚାଳନା ଯୋଜନାକୁ ଉଦ୍ଦେଶ୍ୟ ସାଧନ ହୋଇପାରିବ ।

**୫୭. ପ୍ରକଳ୍ପ କାର୍ଯ୍ୟ ସମ୍ପାଦନା ଓ ପରିଚାଳନା ମଧ୍ୟରେ ସାମାଜିକ ଓ ସାଂସ୍କୃତିକ ଉତ୍ତରଦାୟିତ୍ୱବୋଦ୍ଧ ପ୍ରକଳ୍ପର ୨, ୩ ଓ ୪ ଭାଗରେ ଦର୍ଶାଯାଇଅଛି ।**

ପ୍ରକଳ୍ପ କାର୍ଯ୍ୟକାରୀ କରିବା ସମୟରେ ସିଧାସଳଖ ବା ଭାଗିଦାରି ପ୍ରକ୍ରିୟା ଅନୁସରଣ କରାଯିବା ଦରକାର । ମଝିରେ ମଝିରେ ସାମାଜିକ ସମୀକ୍ଷା ଓ ନାଗରିକ ମାନଙ୍କ ଦ୍ୱାରା ମୂଲ୍ୟାୟନ କରାଗଲେ ପ୍ରକଳ୍ପ ଠିକ୍ ଭାବରେ କାର୍ଯ୍ୟ କରୁଛି କି ନାହିଁ ତାହା ସହଜରେ ଜାଣିହେବ । ଏହାଛଡ଼ା ଏକ ଅଭିଯୋଗ ଶୁଣାଣୀ ପ୍ରକ୍ରିୟା ମାଧ୍ୟମରେ ମଧ୍ୟ ସାଂସ୍କୃତିକ ଏବଂ ସାମାଜିକ ମୂଲ୍ୟବୋଧକୁ ମଝବୁତ୍ କରାଯାଇ ପାରିବ । ଏଥିପାଇଁ NPMUO, SPMU ସ୍ତରରେ ଅଭିଯୋଗ ପ୍ରକୋଷ୍ଠ ପ୍ରତିଷ୍ଠା କରାଯିବ । ଅଭିଯୋଗ ପ୍ରକୋଷ୍ଠରେ ପ୍ରକଳ୍ପର ହିତାଧିକାରୀ ମାନଙ୍କ ଠାରୁ ସିଧାସଳଖ ନିଶୁଳ୍କ ଫୋନ, ଓ୍ୱେବସାଇଟ୍ ଓ ଲିଖିତ ଅଭିଯୋଗ ମାଧ୍ୟମରେ ଗ୍ରହଣ କରି ବିଚାରକୁ ନିଆଯିବ । ପ୍ରକଳ୍ପ ୨୦୦୫ ମସିହାର ଭାଗ ୪ ଆର୍‌ଟିଆଇ ଆଇନ ଅନୁସାରେ କାର୍ଯ୍ୟ କରିବ । ବିଭିନ୍ନ ହିତାଧିକାରୀ ବ୍ୟବହାରକାରୀ ଓ ଗୋଷ୍ଠୀ ସହିତ ସୁଚନା ଆଦାନ ପ୍ରଦାନ କରିବା ପାଇଁ ସଂକଳ୍ପ ନେବେ । ବିଭିନ୍ନ ଗଣ ମାଧ୍ୟମ, ବିଲବୋର୍ଡ, ପୋଷ୍ଟର, କାନ୍ଥଲେଖା ଜରିଆରେ ସ୍ଥାନୀୟ ଅଞ୍ଚଳ ସ୍ଥାନୀୟ ଅଧିବାସୀ ତଥା ମିଳୁଥବବା ଅର୍ଥଅନୁସାରେ ପ୍ରକଳ୍ପର ବାର୍ତ୍ତା ହିତାଧିକାରୀ  ମାନଙ୍କ ସହିତ ଯୋଗାଯୋଗ କରାଯିବ ।

**୫୮. ଜଳବାୟୁ ସମ୍ବନ୍ଧରେ ତଦାରକ ଓ ପ୍ରଚାର କରିବା ଯୋଜନା :**

ପ୍ରକଳ୍ପ ପାଇଁ ଉପାଦାନ ଭିତ୍ତିକ ବିଭିନ୍ନ ସମୟରେ ତଦାରଖ ପାଇଁ ଆବଶ୍ୟକ ଯୋଜନା ପ୍ରସ୍ତୁତ କରାଯାଇଛି । ତଦାରଖ ସମୟରେ ପ୍ରକଳ୍ପ ପୂର୍ବଯୋଜନା ଅନୁସାରେ କାର୍ଯ୍ୟକାରୀ ହେଉଛି କି ନାହିଁ ତାହା ସାମୟିକ ମୂଲ୍ୟାୟନ କରାଯିବ । ପ୍ରକଳ୍ପର ତଦାରଖ ଓ ବିବରଣୀ

ତିଆରି କରିବା ପାଇଁ ଉପାଦାନ ଭିତ୍ତିକ ବିଭିନ୍ନ ତଦାରଖ ସାଂକେତିକ ଚିହ୍ନ ବିଭିନ୍ନ ସାଧନ ଓ ବିଭିନ୍ନ ହିତାଧିକାରୀ ମାନଙ୍କ ଦାୟିତ୍ୱବୋଧକୁ ତଦାରଖ ସମୟରେ ବିଚାରକୁ ନିଆଯିବ ।

୧.୮ ଜଳବାୟୁ ଏବଂ ସାମାଜିକ ଓ ସାଂସ୍କୃତିକ ପରିଚାଳନା ତଥା ତଦାରଖ ପାଇଁ ଆବଶ୍ୟକ ଆର୍ଥିକ ଅଟକଳ ।

୫୯. ବିଭିନ୍ନ ପରିବେଶ ଏବଂ ସାମାଜିକ ପରିଚାଳନା ଏବଂ ତଦାରଖ ଖର୍ଚ୍ଚକୁ ଭିତ୍ତିକରି ପ୍ରକଳ୍ପରେ ଏକ ହାରାହାରି ଆବଶ୍ୟକ ଅର୍ଥ ଦର୍ଶାଯାଇଅଛି । ଏହି ପ୍ରକଳ୍ପର ଅଟକଳ ଖର୍ଚ୍ଚ ଟ.୩୭୩୦,୦୦,୦୦୦.୦୦

| କାର୍ଯ୍ୟକ୍ରମ | ଜାତୀୟ | ଗୁଜୁରାଟ | ଓଡ଼ିଶା | ପଶ୍ଚିମବଙ୍ଗ | ମୋଟ |
|---|---|---|---|---|---|
| ଦକ୍ଷତା ବୃଦ୍ଧି ଓ ସଂସ୍ଥାଗଠନ | ୧୨.୯୦ | ୮.୮୦ | ୧୦.୪୨ | ୦ | ୩୨.୧୨ |
| ସମନ୍ୱିତ ଉପକୂଳ ଇଲାକା ପରିଚାଳନା ଯୋଜନା | ୦ | ୩.୫୨ | ୫.୨୧ | ୧୯.୯୩ | ୨୮.୬୬ |
| ସ୍ଥାନୀୟ ବିନିଯୋଗ | ୦ | ୪୯.୧୯ | ୭୩.୬୨ | ୧୮୯.୭୭ | ୩୧୨.୫୮ |
| ମୋଟ | ୧୨.୯୦ | ୬୧.୫୧ | ୮୯.୨୫ | ୨୦୯.୭୦ | ୩୭୩.୩୬ |